## ଭୋଦର ସରପଞ୍ଚଙ୍କ ଦ୍ୱାରା ୨ ପ୍ରକଳ୍ପ ଉଦ୍‌ଘାଟିତ



ଚାରିଛକ,୧୮।୨(ସମିସ): ନିମାପଡ଼ା ବ୍ଲକ୍ ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାଇକଲ ଷ୍ଟାଣ୍ଡ ଓ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ହସ୍ତ ପ୍ରକ୍ଷାଳନ ନିମନ୍ତେ ଏକ ପ୍ରକଳ୍ପକୁ ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ସମୟରେ ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ପ୍ରଧାନଶିକ୍ଷକ ସୁଶାନ୍ତ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ, ନାଏବ ସରପଞ୍ଚ ସୁଧାଂଶୁ ଭୂଷଣ ପ୍ରଧାନ, ପ୍ରଶାନ୍ତ ବେହେରା, ସବ୍ୟସାଚୀ ରାୟ ଚୂଡ଼ାମଣୀ, ସୁରେନ୍ଦ୍ର ନାଥ ନାୟକ, କ୍ଷୀରୋଦ ନାୟକ, ତୋଫାନ ପ୍ରଧାନ, ମନମୋହନ ବାରିକ, କାର୍ତ୍ତିକେଶ୍ୱର ପଳତା, ଚିତ୍ତରଞ୍ଜନ ଜେନା, ପ୍ରଜ୍ଞାଜିତ୍ ବେହେରା, ମନୋରଞ୍ଜନ ମିଶ୍ର, ୱାର୍ଡସଭ୍ୟା ସବିତାରାଣୀ ସିହ୍ନା, ୱାର୍ଡସଭ୍ୟ ଦେବେନ୍ଦ୍ର ବେହେରା, ପ୍ରମୋଦ ଜେନା, ସର୍ବେଶ୍ୱର ବାରିକ, ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ଅସ୍ତରଙ୍ଗ ବ୍ଲକ୍‌ରେ ୫ କେନ୍ଦ୍ରରେ ୧୦୫୩ ପରୀକ୍ଷାର୍ଥୀ

ଅସ୍ତରଙ୍ଗ,୧୮।୨(ସମିସ): ରାଜ୍ୟରେ ଗୁରୁବାରଠାରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା। ଏହାକୁ ନେଇ ଗଣଶିକ୍ଷା ବିଭାଗ ତତ୍ପର ରହିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ରେ ସମୁଦାୟ ୫ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ବନ୍ତିଲୋ, ସୁନ୍ଦର ସୁରେନ୍ଦ୍ରନାଥ ବିଦ୍ୟାପୀଠ, ଅସ୍ତରଙ୍ଗ ହାଇସ୍କୁଲ, ପାଟଓଳଦା ହାଇସ୍କୁଲ ଓ ଅଠତିରା ଐଶାନେଶ୍ୱର ବିଦ୍ୟାପୀଠକୁ ଚୟନ କରାଯାଇଛି। ପାଟଓଳଦା ହାଇସ୍କୁଲରେ ଏସ୍ଆଇଓଏସ୍ କେନ୍ଦ୍ର କରାଯାଇଛି। ୪ଟି କେନ୍ଦ୍ରରେ ସମୁଦାୟ ୮୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପାଟଓଳଦା ହାଇସ୍କୁଲରେ ଏସ୍ଆଇଓଏସ୍ କେନ୍ଦ୍ରରେ ୨୩୭ ଜଣ ପରୀକ୍ଷା ଦେବେ। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ବିଭାଗ ତରଫରୁ ୭୪ ଜଣ ଶିକ୍ଷକଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ମିଳିଛି। ଏଥିସହ ଅସ୍ତରଙ୍ଗ ତହସିଲ୍‌ଦାର, ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷା ଅଧିକାରୀ ଓ ଦୁଇ ଜଣ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସମସ୍ତ କେନ୍ଦ୍ରକୁ ପରିଦର୍ଶନ କରିବେ। ପ୍ରତ୍ୟେକ କେନ୍ଦ୍ରରେ ସିସିଟିଭି ଅଧୀନରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ। ଅସ୍ତରଙ୍ଗ ଥାନା ତରଫରୁ ପ୍ରତ୍ୟେକ କେନ୍ଦ୍ରରେ ଶୃଙ୍ଖଳିତ ପରୀକ୍ଷା ଓ ଟ୍ରାଫିକ୍ ସମସ୍ୟା ପ୍ରତି ଦୃଷ୍ଟି ରଖାଯାଇଛି।

## ଖାଉଟି ସାମଗ୍ରୀ ବଣ୍ଟନକୁ ନେଇ ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ

କଣାସ,୧୮।୨(ସମିସ): କଣାସ ବ୍ଲକ୍ ବିଜିପୁର ଓ ଅଣ୍ଡାଳସିଂହ ଗ୍ରାମ ପଞ୍ଚାୟତର ଝାରେଡ଼ା, ରାଧାକୃଷ୍ଣପୁର, ପରିମାଣ୍ଡିପୁର, ଜଗନ୍ନାଥପୁର, ରୁଢ଼ିପୁର, ଅଣ୍ଡାଳସିଂହ, ବିଜିପୁର ଗ୍ରାମର ଖାଉଟିମାନେ ଝାରେଡ଼ା ଡିଲର ଅରୁଣ କୁମାର (କୋଡ୍ ନମ୍ବର ୦୦୨)ଙ୍କଠାରୁ ଦୀର୍ଘ ୨୦ ବର୍ଷ ଧରି ଖାଉଟି ସାମଗ୍ରୀ ସୁଚାରୁ ରୂପେ ନେଉଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇ ବିଜିପୁର ମାତୃକୃପା ଗୋଷ୍ଠୀଠାରୁ ଖାଉଟି ସାମଗ୍ରୀ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାରୁ ଉକ୍ତ ଗ୍ରାମବାସୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ସହିତ ନିଲମ୍ବନ ହୋଇଥିବା ଅରୁଣ କୁମାରଙ୍କୁ ପୁନର୍ବାର ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦେବାକୁ ଗ୍ରାମବାସୀମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ପୂର୍ବରୁ ଉକ୍ତ ଗ୍ରାମବାସୀମାନେ ଜିଲ୍ଲାପାଳ ଏବଂ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ।

## ଦ' କଳିଙ୍ଗ ପବ୍ଲିକ୍ ସ୍କୁଲ୍‌ରେ ପୁରସ୍କାର ବିତରଣ ଉତ୍ସବ



ଗୋପ,୧୮।୨(ସମିସ): ରବିବାର ଗୋପ ପୁରାତନ ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଗୋପ ଅଞ୍ଚଳର ପୁରାତନ ଘରୋଇ ଶିକ୍ଷାନୁଷ୍ଠାନ ଦି କଳିଙ୍ଗ ପବ୍ଲିକ୍ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୋପ ପିଏମ୍‌ଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପୁନେଶ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବେ ଗୋପ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ରବିନ୍ଦ୍ର ନାଥ ସିଂହ, ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦୀପକ କୁମାର ସେନାପତି ଓ ପରିଚାଳନା କମିଟି ସଭାପତି ବିଭୂତିଭୂଷଣ ସେନାପତି ଯୋଗଦେଇ ବକ୍ତବ୍ୟ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ହୋଇ ବିଦ୍ୟାଳୟର ୭୧ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ୧୮୫ଟି ପୁରସ୍କାର ଓ ମାନପତ୍ର ପ୍ରଦାନ କରଯାଇ ପୁରସ୍କୃତ କରାଯାଇଥିଲା। ସେହିପରି ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ପ୍ରକଳ୍ପ ସଂଯୋଜିକା ଭାବେ ଏବଂ ଗୋପ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଦ୍ୟାଳୟ ପକ୍ଷରୁ ଗୋପ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବାଇକ୍ ଧକ୍କାରେ ଜଣେ ମୃତ

ପିପିଲି,୧୮।୨(ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଡେଇଁଶିପୁର ବଜାର ନିକଟସ୍ଥ ମା' କାଳୀ ହୋଟେଲ ସମ୍ମୁଖରେ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼ସରଗାଇଲୋ ଗ୍ରାମର ପ୍ରହଲ୍ଲାଦ ପ୍ରଧାନ (୫୫) ବୋଲି ଜଣାପଡ଼ିଛି। ପ୍ରହଲ୍ଲାଦ ବାଇକ୍ ଯୋଗେ ପୁରୀ ଅଭିମୁଖେ ଯାଉଥିବାବେଳେ ସମାନ ଦିଗରୁ ପଛପଟୁ ଦ୍ରୁତଗତିରେ ଆସୁଥିବା ପଲ୍‌ସର ବାଇକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ପ୍ରହଲ୍ଲାଦ ଗୁରୁତର ଅବସ୍ଥାରେ ତଳେ ପଡ଼ିଥିବାବେଳେ ସ୍ଥାନୀୟ ଲୋକ ଓ ପାଟ୍ରୋଲିଂ ପୁଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପୁଅ ଶିବ ପ୍ରସାଦ ପ୍ରଧାନଙ୍କ ଅଭିଯୋଗ କ୍ରମେ ପିପିଲି ଥାନାରେ ଏକ ମାମଲା ରୁଜୁ କରିଛି।

# ୧୫ ଦିନ ହେଲା ଉଠୁନି ଧାନ; ଚାଷୀ ଅସନ୍ତୁଷ୍ଟ

ବଲଙ୍ଗା,୧୮।୨(ସମିସ)



ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଚାଷୀଙ୍କଠାରୁ ଧାନ କିଣାରେ ଅବହେଳା ପରିଲକ୍ଷିତ ହୋଇଛି। ଏହାର ପ୍ରତିବାଦ କରି ଶନିବାର ନୁଆସନ୍ଥ ପଞ୍ଚାୟତ ଓ ଏହାର ଆଖପାଖ ପଞ୍ଚାୟତର ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ନୁଆସନ୍ଥ ସେବା ସମବାୟ ସମିତିର ଉଦାସିନତାକୁ ସେମାନେ ବିରୋଧ କରିଛନ୍ତି। ମିଲରଙ୍କ ଅସହଯୋଗ ଯୋଗୁଁ ଶହଶହ କ୍ୱିଣ୍ଟାଲ ଧାନ ୧୫ଦିନ ହେଲା ଉଠିପାରୁନାହିଁ। ତେଣୁ ଚାଷୀମାନେ ପ୍ରତିବାଦ କରି ଅପେକ୍ଷା କରିଛନ୍ତି। ଏହା ସତ୍ତ୍ୱେ ସେମାନଙ୍କଠାରୁ ଧାନ କିଣିବାକୁ ସମିତି କର୍ମକର୍ତ୍ତା କିମ୍ବା କୌଣସି ମିଲ୍ ମାଲିକ ସେଠାରେ ପହଞ୍ଚି ନ ଥିଲେ। ସମିତି ସଭାପତି ସୁବ୍ରତ କୁମାର ମିଶ୍ର ଚାଷୀମାନଙ୍କୁ ଆଶ୍ୱାସନା ଦେଇଥିଲେ ମଧ୍ୟ ମିଲର ନ ଯିବାରୁ ଚାଷୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଟୋକନ୍ ପାଇଥିଲେ ହେଁ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ସମିତି କର୍ମକର୍ତ୍ତା ଓ ମିଲରଙ୍କ ମନମାନୀ ଯୋଗୁଁ ସେମାନେ ହଇରାଣ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କେତେକ ଧାନମଣ୍ଡି ପରିଦର୍ଶନ କରିଥିଲେ। ଚାଷୀଙ୍କଠାରୁ ନିର୍ଦ୍ଧାରିତ ଦରରେ ଧାନ କିଣିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ତେଣୁ ଚାଷୀଙ୍କଠାରୁ ଧାନ କିଣାରେ ଅବହେଳା କରୁଥିବା ସମିତି ସଭାପତି, ସଭ୍ୟ ଓ ଚାଷୀମାନେ ମିଲ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ରାଜ୍ୟ ସରକାରଙ୍କ ବଦଳି ନୀତିକୁ ଅବମାନନା

## ୩୫ ବର୍ଷ ହେଲା ଗାଦି ମାଡ଼ି ବସିଛନ୍ତି

ଗମ୍ଭାରୀପଦା,୧୮।୨(ସମିସ): କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଜନୈକ ଶିକ୍ଷକ ୧୯୯୧ ମସିହାରୁ ଉକ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରିବାକୁ ନିଯୁକ୍ତି ପାଇଥିଲେ ମଧ୍ୟ ବହୁ ବର୍ଷ ଧରି ଏଠାରେ ରହିବା ଫଳରେ ଶିକ୍ଷକତା ପରିବର୍ତ୍ତେ ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବା ଅଭିଯୋଗ ହେଉଛି। ଉକ୍ତ ଶିକ୍ଷାନୁଷ୍ଠାନର ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ଧୀରେନ୍ଦ୍ର ଚାନ୍ଦ ଶିକ୍ଷାନୁଷ୍ଠାନରେ ହେଉଥିବା ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟରେ ଶିକ୍ଷକ ଜଣଙ୍କ ସମ୍ପୃକ୍ତିକୁ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀମାନେ ଉକ୍ତ ଶିକ୍ଷକଙ୍କ ଦ୍ୱାରା ଏତେ ମାତ୍ରାରେ ପ୍ରଭାବିତ ଯେ ସେମାନେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଶ୍ରୀ ଚାନ୍ଦ ପ୍ରକାଶ କରିଛନ୍ତି। ଏପରିକି ଶ୍ରୀ ଚାନ୍ଦ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରକୋଷ୍ଠ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଘଟଣାର ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇ ଚୁପ୍ ହୋଇ ବସି ଯାଉଥିବା କହିଛନ୍ତି। ଗତ ୧ ତାରିଖରେ ପୂର୍ବ ଅଭିଯୋଗ ରେଜିଷ୍ଟ୍ରେସନ ନଂ ସିଏମ୍ଓ ୨୦୨୫୧୪୦୩୮୬୮ର ସନ୍ତୋଷଜନକ ଉତ୍ତର ପାଇ ନ ଥିବାରୁ ପୁନର୍ବିଚାର ଏଚ୍ଆର୍ଏମ୍ଏସ୍ ତଥ୍ୟ ସଂଲଗ୍ନ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଦାନ କରିଛନ୍ତି। ଉକ୍ତ ଅଭିଯୋଗକୁ ସିମେଣ୍ଟ ଅଫିସ ପକ୍ଷରୁ ଗତ ୧୧ ତାରିଖରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ପ୍ରେରିତ କରାଯାଇଛି। ଶ୍ରୀ ଚାନ୍ଦଙ୍କ ସହ କାକଟପୁରର ଜନସାଧାରଣ ଅପେକ୍ଷା କରିଛନ୍ତି କି କେବେ ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗାଦିମଡ଼ା ଶିକ୍ଷକ ସରକାରଙ୍କ ବଦଳି ନୀତି ମୁତାବକ ବଦଳି ହେଉଛନ୍ତି। ସତରେ କ'ଣ ଉକ୍ତ ଶିକ୍ଷକ ଜଣକ ଶିକ୍ଷା ବିଭାଗର ନିୟମକୁ ଅବମାନନା କରୁଛନ୍ତି, ନା କାହାର ଛାତ୍ରଛାୟା ତଳେ ନିଜର ସାମ୍ରାଜ୍ୟ ଚଳାଉଛନ୍ତି। ଯଦି ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଆନ୍ତା ବହୁ ତଥ୍ୟ ସାମ୍ନାକୁ ଆସିପାରନ୍ତା ବୋଲି ପୁରାତନ ପରିଚାଳନା ସମ୍ପାଦକ ଜୋର୍ ଦେଇ କହିଛନ୍ତି।

### ବହୁ ପୁରାତନ ଓସ୍ତ ଗଛକୁ ହାଣିଦେଲେ

## କାର୍ଯ୍ୟାନୁଷ୍ଠାନ ଦାବିରେ ପୁଲିସ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ



ଗମ୍ଭାରୀପଦା,୧୮।୨(ସମିସ): କାକଟପୁର ବ୍ଲକ୍ କୁଣ୍ଢେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଟପୁର ଗ୍ରାମରେ ଥିବା ମା' ବରୁଣେଇଙ୍କ ପୀଠରେ ଥିବା ବହୁ ପୁରାତନ ଓସ୍ତ ବୃକ୍ଷଟି ପଥିକମାନଙ୍କୁ ଛାୟା ପ୍ରଦାନ କରିବା ସହ ପରିବେଶକୁ ପ୍ରଚୁର ଅମ୍ଳଜାନ ଯୋଗାଉଥିଲା। ସେହି ବୃକ୍ଷକୁ ତତ୍‌ସଂଲଗ୍ନ ଗ୍ରାମବାସୀ ପୂଜାର୍ଚ୍ଚନା କରିଥାନ୍ତି। କାରଣ ଓସ୍ତ ଗଛ ସାଧାରଣତଃ ଗ୍ରାମାଞ୍ଚଳରେ ଧର୍ମୀୟ ଭାବନା ସହିତ ଜଡ଼ିତ ହୋଇଥାଏ। ଆହୁରି ମଧ୍ୟ ପୁରାତନ ଗଛ ହୋଇଥିବାରୁ ସେଥିରେ କେତେକ ଚଢ଼େଇ ବସା ବାନ୍ଧିଥିବା ଓ ଗଛ କୋରଡ଼ରେ ମହୁମାଛି ରହି ପରିବେଶକୁ ସୁନ୍ଦର କରୁଥିଲେ। ଚଢ଼େଇଙ୍କ ରାବରେ ପଥଚାରୀମାନେ ପଥକ୍ଳାନ୍ତ ଭୁଲି ଯାଉଥିଲେ। କେତେକ ଖଳ ପ୍ରକୃତିର ଲୋକ ତହସିଲ୍ କିମ୍ବା ଅସ୍ତରଙ୍ଗ ବନାଞ୍ଚଳ ବନ୍ୟପ୍ରାଣୀଙ୍କ ବିନାନୁମତିରେ ବେଆଇନ ଭାବେ ଉକ୍ତ ଗଛକୁ କାଟି ଦେଇଥିବାରୁ ସେମାନଙ୍କ ନାମରେ ଗ୍ରାମର ପ୍ରଭଞ୍ଜନ ମହାନ୍ତି, ସୁବ୍ରତ ମହାନ୍ତି, ଦୀପକ ମହାନ୍ତି, ସାଧୁ ଚରଣ ମହାନ୍ତିଙ୍କ ସମେତ ପରିବେଶ ପ୍ରତି ଶ୍ରଦ୍ଧା ରଖୁଥିବା ଲୋକମାନେ ସ୍ଥାନୀୟ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହିତ ପୁରୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଗଛ କାଟିଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

### ● ସାକ୍ଷୀଗୋପାଳ ମନ୍ଦିର ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ

## ତହସିଲ୍‌ଦାର ମ୍ୟାନେଜିଂ ଟ୍ରଷ୍ଟି ମନୋନୀତ

ସାକ୍ଷୀଗୋପାଳ,୧୮।୨(ସମିସ): ସାକ୍ଷୀଗୋପାଳ ମନ୍ଦିର ନିମନ୍ତେ ନବଗଠିତ ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ ମନ୍ଦିର କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଥିଲା। ସତ୍ୟବାଦୀ ତହସିଲ୍‌ଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଦେବୋତ୍ତର କମିଶନରଙ୍କ ଆଦେଶ କ୍ରମେ ପ୍ରଥମ ବୈଠକରେ ଉପସ୍ଥିତ ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ସର୍ବସମ୍ମତି କ୍ରମେ ସତ୍ୟବାଦୀ ତହସିଲ୍‌ଦାର ତଥା ମନ୍ଦିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ମ୍ୟାନେଜିଂ ଟ୍ରଷ୍ଟି ଭାବରେ ମନୋନୀତ କରିଥିଲେ। ପୂର୍ବ ବୈଠକରେ ଆଲୋଚନା କରାଯାଇଥିବା ପାଳିଆ ସେବାୟତମାନଙ୍କ ପାଉଣା ବୃଦ୍ଧି ସମ୍ପର୍କରେ ସହକାରୀ ଦେବୋତ୍ତର କମିଶନରଙ୍କ ଦୃଷ୍ଟି ଆକର୍ଷଣ, ମନ୍ଦିର ଚତୁଃପାଶ୍ୱର୍, ରାମ ମନ୍ଦିର, ପାର୍କିଂସ୍ଥଳ, ଶୌଚାଳୟ ନିକଟରେ ଆଲୋକ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମନ୍ଦିର ବେଢ଼ା ମଧ୍ୟରେ ଉନ୍ନୟନ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି, ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ବୈଠକରେ ସୂଚନା ଦେଇଥିଲେ। ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଉଦ୍ୟାନ ମଞ୍ଜୁଳା ତ୍ରିପାଠୀ, ଆଇଆଇସି ସୌମ୍ୟରଞ୍ଜନ ମହାଲିକ, ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସକ ବନଜକାନ୍ତ ପତି, ସେବାୟତ ପ୍ରତିନିଧି ବାଳକୃଷ୍ଣ ମହାପାତ୍ର, ବୁଦ୍ଧିଜୀବୀ ଲୋକନାଥ ବାରିକ ଓ କବିରାଜ ଦଳେଇ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ନୂତନ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହିତ ସଂଯୋଜନା କରିଥିଲେ।

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଲେ ୧୮୮ ଛାତ୍ରଛାତ୍ରୀ

କଣାସ,୧୮।୨(ସମିସ): ବୁଧବାର ସାରା ରାଜ୍ୟରେ +୨ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଥିବାବେଳେ କଣାସ ବ୍ଲକ୍‌ର ତିନୋଟି ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରରେ ୧୮୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ପ୍ରଥମ ଦିବସରେ ସାହିତ୍ୟ ପ୍ରଥମ ମାତୃଭାଷା ପରୀକ୍ଷା ଥିବାରୁ କଣାସ କଲେଜରେ ୮୪ ଜଣ ଛାତ୍ରଛତ୍ରୀ ପରୀକ୍ଷା ଦେଇଥିବାବେଳେ, ଦୟାବିହାର କଲେଜରେ ୫୬ ଜଣ ଏବଂ ଚୌଦ ମୌଜା ବିଦ୍ୟୁତ୍ କଲେଜରେ ୪୮ ଜଣ ଛାତ୍ରଛାତ୍ରୀ ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ଦେଇଥିବା ଜଣାପଡ଼ିଛି।

## ବାବା ଭୋଳାନାଥ କ୍ଲବ୍ ଓ ପାଠାଗାରର ବାର୍ଷିକ ଉତ୍ସବ

ପିପିଲି,୧୮।୨(ସମିସ): ପିପିଲି ଅନ୍ତର୍ଗତ ପାଟଶାଣିପୁର ଗ୍ରାମସ୍ଥିତ ବାବା ଭୋଳାନାଥ କ୍ଲବ୍ ଓ ପାଠାଗାରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲବ୍‌ର ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କ ପୌରୋହିତ୍ୟରେ ହୋଇଥିବ।



ସଭାରେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ, ପୁରୀ ନିମାପଡ଼ା ସମବାୟ ବ୍ୟାଙ୍କ ବୋର୍ଡ ସଦସ୍ୟ ପର୍ଶୁରାମ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଧରଣୀଧର ସାହୁ, ସମାଜସେବୀ ଆଡ୍‌ଭୋକେଟ ସୁରେଶ ରଥ, ସରପଞ୍ଚ ପ୍ରତିନିଧି ବିନୟ କୁମାର ଦାଶ, ମନୋଜ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏକ ଦୁର୍ନୀତିମୁକ୍ତ, ନିଶାମୁକ୍ତ ସମାଜ ଗଠନ ଏବଂ ସମାଜସେବା କ୍ଷେତ୍ରରେ ଯୁବକମାନଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲବ୍‌ର ସମ୍ପାଦକ ଅଜିତ୍ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ। ସଭା ମଞ୍ଚରେ ୩ ବରିଷ୍ଠ ନାଗରିକଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସହିତ କେତେକ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭ୍ୟ ଅଶୋକ ଦାସ, ରାଜେଶ ପରିଡ଼ା, ପ୍ରଦୀପ ସାହୁ, ବଣ୍ଟି ନାୟକ, ଦିଲ୍ଲୀପ ସାହୁ, ପ୍ରତାପ ବାରିକ, ଦେବବ୍ରତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ମେଲୋଡ଼ି ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୋଟଳ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପିପିଲି,୧୮।୨(ସମିସ): ବୁଧବାର ପିପିଲି ବ୍ଲକ୍ ଅନ୍ତର୍ଗତ ପୋଟଳ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସେନାପତି ଯୋଗଦେଇ ଆଜିର କୋମଳମତି ପିଲାମାନେ ଦେଶର ଭବିଷ୍ୟତ।



ସେମାନଙ୍କୁ ଭଲ ମଣିଷ କରିବାରେ ପିତା-ମାତା ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଏହି ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସରତ ଚନ୍ଦ୍ର ପତି ପିଲାମାନେ ପାଠ ସହିତ ବିଭିନ୍ନ ବୈଷୟକ ଶିକ୍ଷାରେ ମନୋନିବେଶ କରି ନିଜର ଭବିଷ୍ୟତ ତିଆରି କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଦେବେନ୍ଦ୍ର କୁମାର ମହାନ୍ତି, ସହକାରୀ ଶିକ୍ଷକ ବିବେକାନନ୍ଦ ବାରିକ, ମଳୟ ମହାନ୍ତି, ସାମ୍ବାଦିକ ପ୍ରଦୀପ କୁମାର ବଡ଼େଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକ୍ରମ ସ୍ୱାଇଁ, ଗ୍ରାମ୍ୟ କମିଟି ସଭାପତି ବୈକୁଣ୍ଠ ସ୍ୱାଇଁ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା କ୍ଷେତ୍ରରେ କୃତକାର୍ଯ୍ୟ ହୋଇଥିବା ୧୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ର ରିଙ୍କୁ ସ୍ୱାଇଁ ଗାଇଥିବା ଗୀତ 'ଫେରିଆସ ବାପା' ସମସ୍ତଙ୍କ ମନମୁଗ୍ଧ କରିଥିଲା।

## ଶିଙ୍ଗପାନିଆଁ ନୋଡାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବ



ନୟାହାଟ,୧୮।୨(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରୀ ପଞ୍ଚାୟତର ଶିଙ୍ଗପାନିଆଁ ନୋଡାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଶିବଦତ୍ତ ନାୟକ ମୁଖ୍ୟବକ୍ତା ଭାବେ ଗୋପ ବ୍ଲକ୍‌ର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସମ୍ରାଟଭଞ୍ଜ ଭୋଇ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ପରିଡ଼ା କହିଥିଲେ ଯେ, ଉତ୍ତମ ବ୍ୟବହାର, ବାପା-ମାଆଙ୍କ କଥା ମାନି ଭବିଷ୍ୟତରେ ଭଲ ମଣିଷ ହେବ। ପତିତପାବନ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର କହିଥିଲେ ଯେ, ଶିଙ୍ଗପାନିଆଁ ସ୍କୁଲଟି ନୟାହାଟ ମୁଖ୍ୟ ବଜାର ଉପରେ ହେଇଥିବାରୁ ପିଲାମାନଙ୍କ ସୁରକ୍ଷା ପାଇଁ ବା ବିପଦରୁ ବଞ୍ଚାଇବା ପାଇଁ ବିଦ୍ୟାଳୟ ଆଗରେ ହମ୍ପ୍‌ସ ନିର୍ମାଣ କରିବା ପାଇଁ ଉପସ୍ଥିତ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାର୍ଷିକ ବିବାରିଣୀ ପାଠ କରିଥିଲେ ଶୁଭଶ୍ରୀ ମହାପାତ୍ର ଓ ଶିକ୍ଷାବିତ୍ ଅଜୟ କୁମାର ରଥ, ନାଏବ ସରପଞ୍ଚ ସୁକାନ୍ତି ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକର୍ତ୍ତନ ଦୀକ୍ଷିତ ଏଠାର ଅସୁବିଧା ସୁବିଧା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର ସଭାପତି କବିନ ବେହେରା, ଶିକ୍ଷୟିତ୍ରୀ କବିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଜାମିୟା ଫେଜୁଲ୍ କୋରାନ୍‌ର ବାର୍ଷିକ ଉତ୍ସବ

ଗୋପ,୧୮।୨(ସମିସ): ପିଲାମାନଙ୍କ ଭବିଷ୍ୟତକୁ ସୁନ୍ଦର ଭାବେ ଗଢ଼ି ତୋଳିବାକୁ ହେଲେ ଉଭୟ ପିତାମାତା ଓ ବିଦ୍ୟାଳୟରେ ଗୁରୁଜୀଙ୍କ ଉଚିତ୍ ମାର୍ଗଦର୍ଶନ ଆବଶ୍ୟକ। ସେହିପରି ପିଲାଙ୍କ କଠିନ ପରିଶ୍ରମ ଓ ପିତାମାତାଙ୍କ ଦିଗ୍‌ଦର୍ଶନ ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଥାଏ ବୋଲି ଗୋପ ପାଣିଛତ୍ରସ୍ଥିତ ଜାମିୟା ଫେଜୁଲ କୋରାନ୍‌ର ୧୪ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜମିୟତ୍ ଓଲମା ହିନ୍ଦ୍‌ର ମହାସଚିବ ମୌଲାନା ହକିମ୍ ଉଦ୍ଦିନ୍ ସାହାବ୍ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଜାମିୟା ଚେୟାରମ୍ୟାନ୍ ହବିବୁର ରେହମାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ମୌଲନା ଉମର୍ ସାହାବ୍ ବିଶିଷ୍ଟ ଅତିଥି, ମୌଲାନା ଅକ୍ରମ୍ ତକୀ କାଶ୍ମୀ ମୌଲାନା ଆଜାଜ୍ ସମ୍ମାନିତ ଅତିଥି, ଗୋପ ଥାନା ଭାରପ୍ରାପ୍ତ ଅଧିକାରୀ ଦୁର୍ଗାଚରଣ ମହାପାତ୍ର, ସାମ୍ବାଦିକ ମିଲନ୍ ମହାନ୍ତି, ଶତ୍ରୁଘ୍ନ ସେନାପତି, ପ୍ରଶାନ୍ତ ରାୟ, ସୁବାସ ସନାପତି, ସୁରେଶ ସାହୁ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଙ୍କୁ ଜାମିୟା ପକ୍ଷରୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ।

### ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି

# ବଗୁଲାପାରି ଗାଁ ନୂଆ ମନ୍ଦିରେ ପୂଜା ପାଇବେ ମା' ନାରାୟଣୀ

ସାକ୍ଷୀଗୋପାଳ,୧୮।୨(ସମିସ)



ସତ୍ୟବାଦୀ ଥାନା ଅନ୍ତର୍ଗତ ମୂଳ ଅଳସା ପଞ୍ଚାୟତର ତେନ୍ତୁଳିଆ ଓ ବଗୁଲାପାରି ଗ୍ରାମବାସୀଙ୍କ ମଧ୍ୟରେ ମା' ନାରାୟଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନାକୁ ନେଇ ଲାଗି ରହିଥିବା ବିବାଦର ସମାଧାନ ପାଇଁ ସତ୍ୟବାଦୀ ତହସିଲ୍ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଶାନ୍ତି କମିଟି ବୈଠକ ବସିଥିଲା। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଭୟ ଗ୍ରାମର ମୁରବୀ, ପଞ୍ଚାୟତ ପ୍ରତିନିଧି ଓ ସ୍ଥାନୀୟ ଅଧିକାରୀ ଉପସ୍ଥିତ ରହି ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ତେନ୍ତୁଳିଆ ମୌଜାରେ ରହିଥିବା ମା' ନାରାୟଣୀଙ୍କ ମନ୍ଦିରର ବଗୁଲାପାରି ଗ୍ରାମବାସୀ ଜମି ଚିହ୍ନଟ କରିପାରିବା ପରେ ସେଠାରେ ନୂତନ ମନ୍ଦିର ନିର୍ମାଣ କାରାଯିବ। ସେହି ମନ୍ଦିର ବଗୁଲାପାରି ଗ୍ରାମବାସୀ ଦେବୀଙ୍କ ପୂଜାର୍ଚ୍ଚନା କରିବାକୁ ସ୍ଥିର ହୋଇଥିଲା। ସେହିପରି ତେନ୍ତୁଳିଆ ମୌଜାର ସରକାରୀ ଜମିରେ ରହିଥିବା ପୁରୁଣା ମନ୍ଦିରରେ ଉଭୟ ପକ୍ଷ ପୂଜାର୍ଚ୍ଚନା କରିବାକୁ ବାରଣ କରାଯାଇଛି। ରୋଷର ବଶବର୍ତ୍ତୀ ହୋଇ କେହି ଚୋରାଇ ନେଇଥିବା ଦେବୀ ପ୍ରତିମାକୁ ଫେରାଇଦେବାକୁ ବୈଠକରେ ଅନୁରୋଧ କରାଯାଇଛି। ଉଭୟ ଗ୍ରାମବାସୀ ପରସ୍ପର ଭେଦଭାବକୁ ଭୁଲି ଶାନ୍ତି ଓ ସୌହାର୍ଦ୍ଦ ବଜାୟ ରଖିବାକୁ ନିବେଦନ କରାଯାଇଥିଲା। ସେଠାରେ ଲାଗୁ କରାଯାଇଥିବା ୧୦୭ ଧାରା ବଳବତ୍ତର ରହିବା ସହିତ କୌଣସି ପରିସ୍ଥିତିରେ ଶାନ୍ତି ଭଙ୍ଗକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଉକ୍ତ ବୈଠକରେ ବ୍ଲକ୍ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ, ସରପଞ୍ଚ ଦେବୀପ୍ରସାଦ ଘଟୁଆରୀ, ସମିତିସଭ୍ୟଙ୍କ ପ୍ରତିନିଧି ମିଥୁନ ପ୍ରଧାନ, ଜିଲ୍ଲା ପରିଷଦ ପ୍ରତିନିଧି ରଞ୍ଜନ ବରାଳ, ତେନ୍ତୁଳିଆ ଗାଁ ପକ୍ଷରୁ ରାଜକିଶୋର ପ୍ରଧାନ, ବ୍ରଜ କିଶୋର ଦାଶ, ଦୁଃଶାସନ ଜେନା ପ୍ରମୁଖଙ୍କ ସହିତ ବଗୁଲାପରି ଗ୍ରାମର ବିଷ୍ଣୁପ୍ରସାଦ ଜେନା, ବ୍ରଜବନ୍ଧୁ ସୁକାରୀ, କାଉ ଶାସମଲ, ହେମନ୍ତ କୁମାର ସୁକାରୀ, ସ୍ୱାଧୀନ ଜେନା ପ୍ରମୁଖ ଏବଂ ମୂଳ ଅଳସା ଗ୍ରାମର ଭଜମନ ପ୍ରଧାନ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

୧୮/୨/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୪୩,୧୫୬/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





### ସାଇବର ଠକେଇ

# ଭକ୍ତ ନିବାସ ରୁମ୍ ବୁକିଂ ନାଁରେ ଠକେଇ

ପୁରୀ,୧୮।୨(ସମିସ)

ବିଭିନ୍ନ ଉପାୟରେ ଠକୁଛନ୍ତି ସାଇବର ଅପରାଧୀ। ସାଇବର ଠକେଇ ବଢ଼ି ଚାଲିଥିବାବେଳେ ପୁଣି ଏହି ଠକଙ୍କ ଶିକାର ହୋଇଛନ୍ତି ଜଣେ ଭକ୍ତ। ଶ୍ରୀମନ୍ଦିର ପ୍ରଶାସନ ପରିଚାଳିତ ଭକ୍ତ ନିବାସରେ ରୁମ୍ ବୁକିଂ କରିବାକୁ ଯାଇ ନକଲି ୱେବ୍‌ସାଇଟ୍ ଜରିଆରେ ଠକାମୀରେ ପଡ଼ିଛନ୍ତି। ନକଲି ୱେବ୍‌ସାଇଟ୍‌ରୁ ରୁମ୍ ବୁକ୍ କରି ହଇରାଣ ହୋଇଛନ୍ତି ଜଣେ ଅଣଓଡ଼ିଆ ଆଶୁତୋଷ ବର୍ମା। ଶ୍ରୀମନ୍ଦିର ପ୍ରଶାସନର ଭକ୍ତ ନିବାସରେ ରୁମ୍ ବୁକିଂକୁ ନେଇ ବିଭିନ୍ନ ସମୟରେ ସାଇବର ଠକେଇ ପଦାକୁ ଆସୁଛି। ଭକ୍ତନିବାସ ନାଁରେ ନକଲି ୱେବ୍‌ସାଇଟ୍ ଖୋଲିଛନ୍ତି ସାଇବର ଅପରାଧୀ। ସାଧାରଣ ଲୋକେ ଏହାର ଶିକାର ହେଉଛନ୍ତି। ଏହି ଠକମାନେ ଅତି ଚତୁରତାର ସହିତ ଭକ୍ତ ନିବାସର ଫଟୋ ଏବଂ ରୁମ୍‌ର ଫଟୋ ନକଲି ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରି ଠକେଇ କରୁଛନ୍ତି। ତେବେ ସାଇବର ଅପରାଧୀଙ୍କୁ ଧରିବାରେ ପୁଲିସ ବିଶେଷ ସଫଳତା ପାଉନାହିଁ। ଏବେ ପୁଣି ଜଣେ ଅଣଓଡ଼ିଆ ବ୍ୟକ୍ତି ଆଶୁତୋଷ ବର୍ମା ନକଲି ୱେବ୍‌ସାଇଟ୍‌ରେ ବୁକିଂ କରି ସାଇବର ଅପରାଧୀଙ୍କ ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ଏ ନେଇ ସାଇବର ଥାନାରେ ଅଭିଯୋଗ ହେବା ପରେ ଘଟଣା ସାମ୍ନାକୁ ଆସିଛି।

ସୂଚନା ଅନୁସାରେ, ଆଶୁତୋଷ ଫେବୃଆରୀ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ସ୍ୱାଇପ୍ ନାମକ ଏକ ୱେବ୍‌ସାଇଟ୍‌ରେ ପୁରୀରେ ଥିବା ଭକ୍ତ ନିବାସର ରୁମ୍ ବୁକ୍ କରିଥିଲେ। ଗତ ଜାନୁଆରୀ ୨୭ ତାରିଖରେ ରୁମ୍ ବୁକ୍ କରି ଅନ୍‌ଲାଇନ୍‌ରେ ୧୪ ହଜାର ୬୦୦ ଟଙ୍କା ପୈଠ କରିଥିଲେ। ତେବେ ଟାଉନ୍ ଥାନା କଡ଼ରେ ଥିବା ନୀଳାଦ୍ରି ଭକ୍ତ ନିବାସରେ ସେ ପହଞ୍ଚିବା ପରେ ଜାଣିଲେ ତାଙ୍କ ନାମରେ ଭକ୍ତ ନିବାସରେ କୌଣସି ରୁମ୍ ବୁକ୍ ହୋଇନାହିଁ। ଏଣୁ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଆଶୁତୋଷ ପୁରୀ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସେପଟେ ହୋଟେଲ୍ ବୁକିଂ ଆଳରେ ପୁରୀ ସହରରେ ଥିବା ପ୍ରମୁଖ ହୋଟେଲଗୁଡ଼ିକର ନକଲି ୱେବ୍‌ସାଇଟ୍ ଖୋଲାଯାଇ ସାଇବର ଅପରାଧୀମାନେ ଲୋକଙ୍କୁ ଠକୁଥିବାବେଳେ ପୁଲିସ ପ୍ରଶାସନ ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ସେବାୟତ ଓ ବୁଦ୍ଧିଜୀବୀ। ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଧାର୍ମିକ ସହର ପୁରୀ। ସେହିପରି ପୁରୀ ବେଳାଭୂମି ହେଉଛି ପୂର୍ବ ଭାରତର ଅନ୍ୟତମ ମନୋରମ ବେଳାଭୂମି। ତେଣୁ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ପୁରୀ ଆସିଥା'ନ୍ତି। ଏମାନଙ୍କ ଚାହିଦାକୁ ନଜରରେ ରଖି ପୁରୀ ସହରରେ ହଜାରରୁ ଉର୍ଦ୍ଧ୍ୱ ହୋଟେଲ, ଲଜ୍, ହଲିଡେ' ହୋମ୍ ରହିଛି। ଅଧିକାଂଶ ହୋଟେଲରେ ଅନ୍‌ଲାଇନ୍‌ରେ ରୁମ୍ ବୁକିଂ କରାଯାଉଛି। ଯାହାକୁ ଏକ ସୁଯୋଗ ଭାବରେ ନେଇ ସାଇବର ଅପରାଧୀମାନେ ସକ୍ରିୟ ଅଛନ୍ତି। ହୋଟେଲଗୁଡ଼ିକର ନକଲି ୱେବ୍‌ସାଇଟ୍ ଖୋଲି କମ୍ ଦାମ୍‌ରେ ରୁମ୍ ଉପଲବ୍ଧ ଥିବା ଦର୍ଶାଉଛନ୍ତି। ଫଳରେ ଲୋକମାନେ ଅଳ୍ପ ଦାମ୍‌ରେ ରୁମ୍ ମିଳୁଥିବାରୁ ଲୋଭର ବଶବର୍ତ୍ତୀ ହୋଇ ବିନା କୌଣସି ଯାଞ୍ଚରେ ଅନ୍‌ଲାଇନ୍‌ରେ ଥିବା ନକଲି ୱେବ୍‌ସାଇଟ୍‌ରେ ଟଙ୍କା ପୈଠ କରି ଠକେଇର ଶିକାର ହେଉଛନ୍ତି।



**ହଟହଟା ହେଲେ ଅଣଓଡ଼ିଆ।**

ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଭକ୍ତ ନିବାସ ସହିତ ପୁରୀରେ ଥିବା ନାମୀଦାମୀ ହୋଟେଲ ନାମରେ ନକଲି ୱେବ୍‌ସାଇଟ୍ ଖୋଲାଯାଇ ଭକ୍ତ ଓ ପର୍ଯ୍ୟଟକଙ୍କୁ ଠକେଇ କରାଯାଉଛି। ଏ ଦିଗରେ ଜନସାଧାରଣଙ୍କୁ ସରକାର ସଚେତନ କରାଇବା ଦରକାର। କେବଳ ସେତିକି ନୁହେଁ ସାଇବର ଥାନା କର୍ମଚାରୀମାନେ ତତ୍ପର ରହିବା ଉଚିତ୍। ସାଇବର ଠକେଇ ଅଭିଯୋଗ ଆସିଲେ ଯଥାଶୀଘ୍ର ତଦନ୍ତ କରାଯିବା ଆବଶ୍ୟକ। ଅନେକ ଲୋକ ଥାନାକୁ ବାରମ୍ବାର ଦୌଡ଼ୁଛନ୍ତି। କିନ୍ତୁ ସେମାନଙ୍କ ମାମଲା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସାଇବର ଥାନାକୁ ଆହୁରି ସୁଦୃଢ଼ କରିବା ଲାଗି ଏସ୍‌ପିଙ୍କୁ ଅନୁରୋଧ କରୁଛୁ ବୋଲି କହିଛନ୍ତି ବିନାୟକ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ ପାଢ଼ୀ କହିଛନ୍ତି, ସଚେତନତା ଅଭାବରୁ ଏଭଳି ସାଇବର ଠକେଇ ହେଉଛି। ଶ୍ରୀମନ୍ଦିର ଭକ୍ତ ନିବାସରେ ରୁମ୍ ବୁକ୍ କରିବାକୁ ଚାହୁଁଥିବା ଲୋକେ କେବଳ ଶ୍ରୀମନ୍ଦିର ପ୍ରଶାସନର ୱେବ୍‌ସାଇଟ୍‌କୁ ଯାଆନ୍ତୁ। ଟଙ୍କା ପୈଠ ପୂର୍ବରୁ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରି ଏବଂ ଉପଯୁକ୍ତ ଯାଞ୍ଚ କରି ଟଙ୍କା ପୈଠ କରନ୍ତୁ ବୋଲି ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଶ୍ରୀ ପାଢ଼ୀ।

### ଶ୍ରୀମନ୍ଦିରରେ ବେଣ୍ଟ ନୀତି

# ମୃଗ ଶିକାର କଲେ ଶ୍ରୀରାମ



ପୁରୀ,୧୮।୨(ସମିସ): ଫାଲ୍‌ଗୁନ ଶୁକ୍ଳ ପ୍ରତିପଦା ତିଥିରେ ବୁଧବାର ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀରାମଚନ୍ଦ୍ର ବୀର ବେଶରେ ଜଗନ୍ନାଥବଲ୍ଲଭ ମଠରେ ବିଜେ ହୋଇ ମୃଗ ଶିକାର କରିଥିଲେ। ଠାକୁରଙ୍କ ପକ୍ଷରୁ ଲେଙ୍କା ସେବକ ଶର ବିନ୍ଧିବା ପରେ ଏହି ନୀତି ସମ୍ପନ୍ନ ହୋଇଥିଲା।

ଶ୍ରୀମନ୍ଦିରରେ ଠାକୁରଙ୍କ ମଙ୍ଗଳ ଆଳତି ସରିଗଲା ପରେ ଶ୍ରୀରାମ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ କରିଥିଲେ। ବିମାନବଡ଼ୁ ସେବକମାନେ ବିମାନକୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନେଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦାପନା ପରେ ଶ୍ରୀରାମଙ୍କୁ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ ହୋଇଥିଲେ। ଭିତରଛ ତୀର କମାଣ ଶ୍ରୀଅଙ୍ଗରେ ଛୁଆଁଇବା ପରେ ଲେଙ୍କା ସେବକଙ୍କୁ ବଢ଼ାଇ ଦେଇଥିଲେ। ଲେଙ୍କା ମୃଗ ଜ୍ଞାନରେ ପଇଡ଼କୁ ବିଦ୍ଧ କରିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ଼ ମଧ୍ୟରୁ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।

### ଶ୍ରୀମନ୍ଦିରରୁ ମହିଳା ଲୁଟେରା ଗିରଫ

ପୁରୀ,୧୮।୨(ସମିସ): ଶ୍ରୀମନ୍ଦିରରୁ ଜଣେ ମହିଳା ପକେଟ୍‌ମାରଙ୍କୁ ଗିରଫ କରିଛି ସିଂହଦ୍ୱାର ଥାନା ପୁଲିସ। ଅଭିଯୁକ୍ତ ହେଉଛନ୍ତି ପଶ୍ଚିମବଙ୍ଗ ହୁଗୁଳିର ଶିବାନୀ ପ୍ରସାଦ ରାମ (୬୦)। ସୂଚନା ଅନୁଯାୟୀ, ବୁଧବାର ଦେବଗଡ଼ ଜିଲ୍ଲାର ମନୋରମା ସାହୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ବାହାରକାଠରେ ଦର୍ଶନ କରୁଥିବାବେଳେ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତ ଶିବାନୀ ତାଙ୍କ ଭ୍ୟାନିଟି ବ୍ୟାଗ୍ ଲୁଟ୍ କରି ଦୌଡ଼ି ପଳାଉଥିଲେ। ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀ ତାଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ ଭ୍ୟାନିଟି ବ୍ୟାଗ୍ ଜବତ କରାଯାଇଥିଲା। ସେଥିରେ ୫,୫୦୦ ଟଙ୍କା, ମନୋରମାଙ୍କ ପ୍ୟାନ୍‌କାର୍ଡ, ଭୋଟର କାର୍ଡ ଏବଂ ବ୍ୟାଙ୍କ ପାସ୍‌ବୁକ୍ ରହିଥିଲା। ଏ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

● ଚକ୍ଷୁ ବିଶେଷଜ୍ଞଙ୍କ ନାଁରେ ଅଭିଯୋଗ

## ତଦନ୍ତ କମିଟିର ସମ୍ମୁଖୀନ ହେଲେ

ପୁରୀ,୧୮।୨(ସମିସ): କୁହାଯାଏ ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ। ଏମିତି କିଛି ଡାକ୍ତର ଅଛନ୍ତି ଯେଉଁମାନେ ରୋଗୀ ସେବାକୁ ବ୍ରତ ଭାବି ସେବା ଯୋଗାଇ ଆସୁଛନ୍ତି। ହେଲେ ଆଉ କିଛି ଡାକ୍ତର ଅଛନ୍ତି ଯେଉଁମାନେ ରୋଗୀସେବାକୁ ନୁହେଁ ନିଜ ସ୍ୱାର୍ଥରେ ଅନ୍ଧ ହୋଇ ରୋଗୀଙ୍କ ପ୍ରତି ଅନ୍ୟାୟ କରିଥା'ନ୍ତି। ସେହି ଡାକ୍ତରଙ୍କ ବିରୋଧରେ ନାନା ପ୍ରକାର ଅଭିଯୋଗ ଆସିଥାଏ। ଏମିତି ପୁରୀର ଜଣେ ଚକ୍ଷୁ ବିଶେଷଜ୍ଞଙ୍କ ନାଁରେ ଅଭିଯୋଗ ଆସିବା ପରେ ତାଙ୍କୁ ତଦନ୍ତକାରୀ କମିଟିର ସମ୍ମୁଖୀନ ହେବାକୁ ପଡ଼ିଛି। ସରକାରୀ ମେଡିକାଲରେ ଚିକିତ୍ସା ପରିବର୍ତ୍ତେ ଘରୋଇ ମେଡିକାଲକୁ ରୋଗୀ ପଠାଇ ଅସ୍ତ୍ରୋପଚାର କରାଇବା ଭଳି ସଙ୍ଗିନ ଅଭିଯୋଗ ତାଙ୍କ ନାଁରେ ଆସିଥିଲା। ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନିକଟରେ ଏହି ଅଭିଯୋଗ ପହଞ୍ଚିବା ପରେ ବୁଧବାର ଜଗନ୍ନାଥ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଧ୍ୟକ୍ଷତାରେ ତଦନ୍ତ କରିଛି କମିଟି। ୬ ଜଣିଆ କମିଟିର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି।

ଚକ୍ଷୁ ବିଶେଷଜ୍ଞ ଡା. ଲକ୍ଷ୍ମୀଧର ଜେନାଙ୍କ ବିରୋଧରେ ସିଏମ୍‌ଓ ଏବଂ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ନାଁରେ ଚାଲିଛି ବଡ଼ ରାକେଟ୍। ସୋସିଆଲ ମିଡିଆରେ ଏହି ଅଭିଯୋଗ ଭାଇରାଲ ହୋଇଛି। ପୁରୀ ମେଡିକାଲରେ ଚିକିତ୍ସା ପରିବର୍ତ୍ତେ ଘରୋଇ ମେଡିକାଲ ଗଲେ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ସମ୍ପୃକ୍ତ ଚକ୍ଷୁ ବିଶେଷଜ୍ଞ ପ୍ରତିଶ୍ରୁତି ଦେବା, ସରକାରୀ ଡାକ୍ତରଖାନାରୁ ମିଳୁଥିବା କମ୍ ମୂଲ୍ୟର ଲେନ୍ସ ପରିବର୍ତ୍ତେ ସ୍ୱାସ୍ଥ୍ୟ କାର୍ଡରେ ଅଧିକ ମୂଲ୍ୟର ଲେନ୍ସ ଲଗାଇବାକୁ ରୋଗୀଙ୍କୁ ପ୍ରବର୍ତ୍ତାଉଥିବାର ଭିଡିଓ ଭାଇରାଲ୍ ହେଉଛି। ଏହାକୁ ନେଇ ପୀଡ଼ିତ ରୋଗୀଙ୍କ ସମ୍ପର୍କୀୟ ଅନ୍‌ଲାଇନ୍ ପୋର୍ଟାଲରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଫେରାଦ୍ ହୋଇଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଅଫିସରୁ ତଦନ୍ତ ନିର୍ଦ୍ଦେଶ ଆସିଛି। ୬ ଜଣିଆ କମିଟି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପର୍ଯ୍ୟାୟ କ୍ରମେ ଚାଲିବ ତଦନ୍ତ ପ୍ରକ୍ରିୟା। ପ୍ରଥମେ ଜଗନ୍ନାଥ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ଡା. ଜେନାଙ୍କୁ ୱାନ୍ ଟୁ ୱାନ୍ ଜେରା କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ କହିଛନ୍ତି, ଭାଇରାଲ ଭିଡିଓ ଏବଂ ରୋଗୀଙ୍କ ଡିସ୍‌ଚାର୍ଜ ସାର୍ଟିଫିକେଟ ଆଧାରରେ ସବୁ ଦିଗକୁ ନେଇ ତଦନ୍ତ କରାଯିବ। ଏହି ତଦନ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାକୁ ୨/୪ ଦିନ ସମୟ ଲାଗିଛି। କମିଟି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଦୁଇ ବାଇକ୍ ଧକ୍କା; ଜଣେ ଗୁରୁତର

ପୁରୀ,୧୮।୨(ସମିସ): ବାଇକ୍‌କୁ ପିଟିଲା ବାଇକ୍। ଏହି ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ମଙ୍ଗଳାଘାଟ କୃଷି ଭବନ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କର ମୁଣ୍ଡ, ଗୋଡ଼ ଏବଂ ହାତରେ ଗଭୀର ଆଘାତ ଲାଗିଥିଲା। ତାଙ୍କର ଅସ୍ତ୍ରୋପଚାର କରାଯାଇଥିବା ଜଣାପଡ଼ିଛି। ଦେଖଣାହାରୀଙ୍କ କହିବା ମୁତାବକ, ରାଜପଥ ସଂଲଗ୍ନ ଗଳିରୁ ଏକ ବାଇକ୍‌ରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଆସୁଥିଲେ। ସେହି ପାର୍ଶ୍ୱରେ ଆସୁଥିବା ଛତିଶଗଡ଼ ନମ୍ବର ଥିବା ଏକ ମଡେଲିଂ ବାଇକ୍ ଆସି ତାଙ୍କୁ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ସେହି ବ୍ୟକ୍ତି ଜଣକ ରାସ୍ତାରେ ଛିଟିକି ପଡ଼ିବା ସହ ଗୁରୁତର ଭାବେ ଆହତ ହୋଇଥିଲେ।

## ପୁରୀ ବାର୍‌ରେ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ

ପୁରୀ,୧୮।୨(ସମିସ): ସ୍ୱାସ୍ଥ୍ୟ ହିଁ ସମ୍ପଦ। ଓକିଲାତି ପେସାରେ ଥାଇ ଓକିଲ ନିଜର କର୍ମମୟ ଜୀବନରେ ନିଜ ଶରୀରର ଯତ୍ନ ନେବାରେ ଅଣଦେଖା କରିଥା'ନ୍ତି। ଏଭଳି ସ୍ଥିତିରେ ଖେଳ ଜୀବନକୁ ମାନସିକ ଅବସାଦରୁ ମୁକ୍ତି ଦେଇଥାଏ। ଓକିଲମାନଙ୍କ ମଧ୍ୟରେ ଭାଇଚାରା ବଜାୟ ରଖି ଐକ୍ୟ ପ୍ରତିଷ୍ଠା କରେ ଖେଳ। ଏଭଳି ଆଭିମୁଖ୍ୟ ରଖି ପୁରୀ ଓକିଲ ସଂଘ ସବୁ ଆଇନଜୀବୀଙ୍କୁ ନେଇ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କରିଥିଲା। ତେଣୁ ମହିଳା ଏବଂ ପୁରୁଷ ଆଇନଜୀବୀଙ୍କ ମଧ୍ୟରେ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ପରିବାର ଅଦାଲତ ବିଚାରପତି ସୁମିତା ଜେନା ମୁଖ୍ୟଅତିଥି, ପ୍ରଥମ ଜିଲ୍ଲା ଜଜ୍ ସୈକତ ପାତ୍ର, ତୃତୀୟ ଜିଲ୍ଲା ଜଜ୍ ଚିନ୍ମୟୀ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ ରିପୋର୍ଟ ଉପସ୍ଥାପନ କରିଥିଲେ। ଶ୍ରାବଣୀ ଦାସଙ୍କ ରଚିତ ଓ ସ୍ୱର ସଂଯୋଜନାରେ ସଙ୍ଗୀତ ପରିବେଷଣ କରାଯାଇଥିଲା। ନିତା ସ୍ପୋର୍ଟ୍ସ ଏକାଡେମୀର ସତ୍ୟବ୍ରତ ଷଡ଼ଙ୍ଗୀ, ଚେସ୍ କୋଚ୍ ସୁବାସ ସାହୁ, ମଲ୍ଲ ଯୋଦ୍ଧା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ତୃପ୍ତିମୟୀ ମହାପାତ୍ର, ସବିତା ପ୍ରତିହାରୀ, ଭାଗବତ ପ୍ରସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ସମିର ଘୋଷ, ଅନୀଲ ସାହୁ, ତାପସ ବଳିଆରସିଂ, ଜ୍ୟୋତି ପ୍ରକାଶ ମହାନ୍ତି, ରାଜେଶ ମହାନ୍ତି, ମନୋରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଉପସଭାପତି ବିଭୁଦତ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍‌ଓୟୁ



ପୁରୀ,୧୮।୨(ସମିସ): ଓଡ଼ିଶାର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଏବଂ ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ମୁଖ୍ୟତଃ ବୈଜ୍ଞାନିକ ତଥା ଶିକ୍ଷାଗତ ସହଯୋଗ ମାଧ୍ୟମରେ ଉଭୟ ଅନୁଷ୍ଠାନର ଶୈକ୍ଷିକ ମାନଦଣ୍ଡକୁ ସୁଦୃଢ଼ କରିବା ଏହି ଚୁକ୍ତିର ମୂଳ ଲକ୍ଷ୍ୟ।

କାର୍ଯ୍ୟକ୍ରମରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜିଏସ୍‌ଭି ଦତ୍ତାତ୍ରେୟ ମୂର୍ତ୍ତି ଉପସ୍ଥିତ ରହି ଏହି ଦ୍ୱିପାକ୍ଷିକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପରୀକ୍ଷା ନିୟନ୍ତ୍ରକ ଡ. ବସନ୍ତ କୁମାର ମିଶ୍ର ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ଶୁଭେନ୍ଦୁ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଆଗାମୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉଭୟ କୁଳପତି ସେମାନଙ୍କ ଅଭିଭାଷଣରେ କହିଛନ୍ତି ଯେ, ଏହି ସହଭାଗିତା ଦ୍ୱାରା ଓଡ଼ିଆ ଏବଂ ସଂସ୍କୃତ ଭାଷାର ପ୍ରାଚୀନ ଐତିହ୍ୟ ଓ ଆଧୁନିକ ଗବେଷଣା ମଧ୍ୟରେ ଏକ ସମନ୍ୱୟ ରକ୍ଷା କରାଯାଇପାରିବ। ଏହି ବୁଝାମଣା ଫଳରେ ଆଗାମୀ ଦିନରେ ମିଳିତ ଭାବେ ଜ୍ଞାନବର୍ଦ୍ଧକ କର୍ମଶାଳା, ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ଏବଂ ବିଭିନ୍ନ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯାହା ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂସ୍କୃତ ଭାଷା ସାହିତ୍ୟର ଦୁର୍ଲ୍ଲଭ ପାଣ୍ଡୁଲିପି ସବୁ ଓଡ଼ିଆ ଭାଷାରେ ଅନୁବାଦ ହେବାର ଲକ୍ଷ୍ୟ ରଖାଯାଇଛି।

## ସ୍ୟାଣ୍ଡ ଆନିମେସନରେ ଶିବାଜୀଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୧୮।୨(ସମିସ): ଛତ୍ରପତି ଶିବାଜୀ ଜୟନ୍ତୀ ଅବସରରେ ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ସ୍ୟାଣ୍ଡ ଆନିମେସନରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ବାଲୁକା ଆନିମେସନ ପ୍ରସ୍ତୁତି ଲାଗି ମାନସଙ୍କୁ ଦୁଇ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ତେବେ ଏହି କଳାକୃତିରେ ମହାନ୍ ମରାଠା ଯୋଦ୍ଧା ଶିବାଜୀ ମହାରାଜଙ୍କୁ ସାହସ, ନେତୃତ୍ୱ ଏବଂ ଦୃଷ୍ଟିକୋଣକୁ ସୁନ୍ଦର ଭାବେ ଚିତ୍ରଣ କରିଥିଲେ ମାନସ। ବିସ୍ତୃତ ବାଲୁକା ଦୃଶ୍ୟ ମାଧ୍ୟମରେ ଛତ୍ରପତିଙ୍କ ସାହସ, ଦେଶପ୍ରେମ ଏବଂ ସ୍ୱରାଜ୍ୟର ବିଷୟବସ୍ତୁକୁ ଦର୍ଶାଇଥିଲେ।




## ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ପୁରୀ,୧୮।୨(ସମିସ): ଗୋରୁଆଳ ନୂଆପାଟଣାସ୍ଥିତ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ବୁଧବାର ଓଡ଼ିଶାର ପ୍ରଥମ କଳା ଇତିହାସ ବିଭାଗର ବିଶିଷ୍ଟ ଐତିହାସିକ ଓ ଗବେଷକ ଗୁରୁଜୀ ଡ. ଅଲେଖ ଚରଣ ସାହୁଙ୍କ ଦ୍ୱାରା "ଶାନ୍ତି ନିକେତନ ସ୍କୁଲ ଅଫ୍ ଆର୍ଟ" ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳା ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାମାଧବ କର ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଡ. ସାହୁଙ୍କ ସୁଗୁଣକୁ ବଖାଣିଥିଲେ। ଏଥିରେ ଚିତ୍ର କଳା ବିଭାଗର ଅଧ୍ୟାପକ ଉଦ୍ଧବ ନାୟକ, ବାଣିଜ୍ୟ କଳା ବିଭାଗର ଅଧ୍ୟାପକ ଅନନ୍ତ ପ୍ରଧାନ, ଇଂରାଜୀ ଅଧ୍ୟାପିକା ତୃପ୍ତି ରେଖା ମିଶ୍ର ଓ ଶୁଭସ୍ମିତା କର ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କର ଧନ୍ୟବାଦ ଅର୍ପଣ କରିଥିଲେ।

# ବିପୁଳ ପରିମାଣର ନିଷିଦ୍ଧ ତମାଖୁ ଓ ପାନ ମସଲା ଜବତ

ପୁରୀ,୧୮।୨(ସମିସ)

ନିଷିଦ୍ଧ ତମାଖୁ ଓ ପାନ ମସଲା ବେଆଇନ ଭାବେ ମହଜୁଦ୍ ରଖିବା ଏବଂ ବିକ୍ରି କରିବା ସଂକ୍ରାନ୍ତରେ ବିଶେଷ ସୂତ୍ରରୁ ସୂଚନା ପାଇ ପୁରୀ ପୁଲିସ ମଙ୍ଗଳବାର ସନ୍ଧ୍ୟାରେ ସହରର ବିଭିନ୍ନ ଜାଗାରେ ଚଢ଼ଉ କରିଥିଲା। ଅପରେସନ ଚକ୍ର ଅଧୀନରେ ଏହି ସ୍ୱତନ୍ତ୍ର ଅଭିଯାନରେ ପୁଲିସକୁ ମିଳିଛି ବିଶେଷ ସଫଳତା। ନିଷିଦ୍ଧ ତମାଖୁ କାରବାରକୁ ରୋକିବା ପାଇଁ ବିଭିନ୍ନ ପାଇକାରୀ ଦୋକାନ ଏବଂ କ୍ଷୁଦ୍ର ଖୁଚୁରା ଦୋକାନରେ ଚଢ଼ଉ କରାଯାଇଥିଲା। ଏ ସଂକ୍ରାନ୍ତରେ କୁମ୍ଭାରପଡ଼ା ଥାନା ଏବଂ ବାସେଳି ସାହି ଥାନାରେ ନିଷିଦ୍ଧ ତମାଖୁ ଉତ୍ପାଦ ବେଆଇନ ଭାବେ ଗଚ୍ଛିତ ରଖିବା ଏବଂ ବିକ୍ରୟ ପାଇଁ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି।

କୁମ୍ଭାରପଡ଼ା ଥାନାରେ ରୁଜୁ ମାମଲା (ନଂ.୯/୨୬)ରେ ଜାଇଗଡ଼ ଜଗା ଅଞ୍ଚଳରେ ଚଢ଼ଉ କରାଯାଇ ପ୍ରାୟ ୨ ଲକ୍ଷ ଟଙ୍କା ମୂଲ୍ୟର ନିଷିଦ୍ଧ ତମାଖୁ ଏବଂ ଗୁଟ୍‌ଖା ଜବତ କରାଯାଇଛି। ଏହି ମାମଲାରେ ଘୋଡ଼ାବଜାର ଅଞ୍ଚଳର ଆର୍. ଲୋକନାଥ ରେଡ୍ଡୀ (୫୪)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ବାସେଳିସାହି ଥାନାରେ ରୁଜୁ ମାମଲା (ନଂ.୫୩/୨୬)ରେ ଅଭିଯୁକ୍ତ ନରେନ୍ଦ୍ରକୋଣ ଜଗନ୍ନାଥ ନଗରର ରାମଚନ୍ଦ୍ର ମାଲୁ (୬୧)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ବିପୁଳ ପରିମାଣରେ ନିଷିଦ୍ଧ ତମାଖୁ ଓ ପାନମସଲା ଜବତ ହୋଇଛି। ଆଇନ ଅନୁସାରେ ଅଧିକ ତଦନ୍ତ ଏବଂ ପରୀକ୍ଷା ପାଇଁ ସମସ୍ତ ଜବତ ଉତ୍ପାଦଗୁଡ଼ିକୁ ଖାଦ୍ୟ ସୁରକ୍ଷା ବିଭାଗକୁ ପଠାଇ ଦିଆଯାଇଛି। ଏହି ଅଭିଯାନ ସମୟରେ ଅନେକ ଛୋଟ ଦୋକାନ ଯାଞ୍ଚ କରାଯାଇଥିଲା ଏବଂ ନିଷିଦ୍ଧ ତମାଖୁ ଉତ୍ପାଦ ମହଜୁଦ କିମ୍ବା ବିକ୍ରୟ ନ କରିବା ପାଇଁ କଡ଼ା ଚେତାବନୀ ଦିଆଯାଇଛି। ଦୋକାନ ମାଲିକ ଓ ବିତରକମାନଙ୍କୁ ତୁରନ୍ତ ଏପରି ବେଆଇନ କାର୍ଯ୍ୟକଳାପ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନଚେତ୍ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।



**ଅପରେସନ ଚକ୍ର**

NACO 10001/66/2526 OSACS

ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:

ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ। ମନେ ରଖନ୍ତୁ

- ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ।
- ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ।
- ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ।
- ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ।

ଏଆରଟି ଗ୍ରହଣ କରିବାର ଲାଭ:

1. ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ।
2. CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ।
3. ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ।
4. ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ।
5. କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ।

OIPR-10001/10060/2/25-26/0003

Follow us on : BREAKFREE https://breakfreeindia.org

AIDS Helpline 1097

ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।

## ପଞ୍ଚାୟତ ପୋଖରୀରୁ ମାଛ ଧରିନେଲେ

ଓଡ଼ଗାଁ,୧୮ ।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗିରିଡ଼ିପଲ୍ଲୀ ସୋଲପୋଖରୀରେ ଗିରିଡ଼ିପଲ୍ଲୀ ପଞ୍ଚାୟତ ତରଫରୁ ମାଛ ଜାଆଁଳ ଛଡ଼ାଯାଇଥିବା ବେଳେ ବୁଧବାର ସକାଳେ ଦୁର୍ବୃତ୍ତ ମାଛ ଧରି ନେଇଥିବା ଅଭିଯୋଗ ହୋଇଛି । ଗ୍ରାମ ପଞ୍ଚାୟତ ଅଧିକାରୀ ଏ ନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ମାଛ ଧରି ନେଇଥିବା ଲୋକଙ୍କୁ ଥାନାକୁ ଡକାଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି ।

## ମେଡିକାଲ ଛକରୁ ହଟିଲା ଜବରଦଖଲ



ଓଡ଼ଗାଁ,୧୮ ।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁରାଳ ମେଡିକାଲ ଛକରେ ବୁଧବାର ଲାଗିଲା ବୁଲ ଡୋଜର । ଉଚ୍ଛେଦ ହେଲା ଜବର ଦଖଲ ।ମାଜିଷ୍ଟ୍ରେଟ ପବିତ୍ର କୁମାର ସେଠୀଙ୍କ ନେତୃତ୍ୱରେ ବରିଷ୍ଠ ରାଜସ୍ୱ ସହାୟକ ପ୍ରଦୀପ କୁମାର ସାହୁ, ରାଜସ୍ୱ ସୁପରଭାଇଜର ସୁବାସ ଚନ୍ଦ୍ର ମିଶ୍ର, ରାଜସ୍ୱ ନିରୀକ୍ଷକ ଶ୍ରୀଧର ସେଠୀ, ଅମିନ ମନୋଜ ଦଳେଇ କୁରାଳ ମେଡିକାଲ ଛକରେ ପହଞ୍ଚିବା ପରେ ମଧ୍ୟାହ୍ନରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଫଳରେ କୁରାଳର କୃଷ୍ଣମୂର୍ତ୍ତି ଦୋରା, ଶ୍ରୀନିବାସ ପାତ୍ର, ଅଶୋକ କୁମାର ସୁବୁଦ୍ଧି ଏବଂ ଚଣ୍ଡୀ ଛକରୁ ତାରେଶ୍ୱର ପ୍ରଧାନଙ୍କ ଦ୍ୱାରା ହୋଇଥିବା ଜବର ଦଖଲ ଉଚ୍ଛେଦ କରାଯାଇଛି ।ଓଡ଼ଗାଁ ଥାନା ଏସ୍ଆଇ ଚକ୍ରଧର ସିଂ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ନୟାଗଡ଼,୧୮ ।୨(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ବାମନ ଅବକାଶ ଉଚ୍ଚ ବିଦ୍ୟାଳୟରେ ନବନିଯୁକ୍ତ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ ହୋଇଛି । ବିଦ୍ୟାଳୟର କାର୍ଯ୍ୟରତ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର ଖଣ୍ଡା ଶିକ୍ଷୟିତ୍ରୀଙ୍କୁ ବାରମ୍ବାର ଦୁର୍ବ୍ୟବହାର କରୁଥିବା ଅଭିଯୋଗରେ ଦର୍ଶାଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଏହି ଘଟଣାରେ ହସ୍ତକ୍ଷେପ କରି ଆପୋସ ସମାଧାନ ଉଦ୍ୟମ କରିଥିବା ବେଳେ ତାହା ବିଫଳ ହୋଇଛି । ଫଳରେ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଫଳରେ ବିଜ୍ଞାନ ଶିକ୍ଷକଙ୍କ ଉପରେ ଏବେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲୁଥିବା ଆଲୋଚନା ହେଉଛି ।

## ବନ ବିଭାଗ କବ୍‌ଜାରେ ୨ ଶିକାରୀ

● ବାରୁଦ ସହ ଦେଶୀ ବନ୍ଧୁକ ଓ ଟାଙ୍ଗିଆ ଜବତ



ଓଡ଼ଗାଁ,୧୮ ।୨(ସମିସ): ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକ କର୍ମଚାରୀଙ୍କ ସହ ବାହାଡ଼ାଝୋଲା ସେକ୍ସନ ଶୂଳିଆ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ବିଳମ୍ବିତ ରାତିରେ ୨ ଶିକାରୀଙ୍କୁ ଗିରଫ କରିଛନ୍ତି । ସେମାନଙ୍କଠାରୁ ଦେଶୀ ବନ୍ଧୁକ ସହ ସେଥିରେ ବ୍ୟବହୃତ ବାରୁଦ ଏବଂ ଗୋଟିଏ ଟାଙ୍ଗିଆ ଜବତ କରାଯାଇଛି । ଅଭିଯୁକ୍ତମାନେ ହେଲେ ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ହାତିଆଶିଳା ଗ୍ରାମର କିଶୋର ପଣ୍ଡା (୫୫) ଏବଂ ଜାମୁଝୋଲାର ଯୋଗେନ୍ଦ୍ର ଖଟୁଆ । ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ବନପାଳ ମନୋଜ କୁମାର ସେଠୀ, ବନରକ୍ଷୀ କବୀର ସାହୁ ଏବଂ ଅନ୍ୟମାନେ ଶୂଳିଆ ଜଙ୍ଗଲରେ ପଶିଥିଲେ । ନିଆଁକୁ ଲକ୍ଷ୍ୟ କରି ଯାଉଥିବାବେଳେ ଗୋଟିଏ ଟର୍ଚ୍ଚ ଲାଇଟ୍ ପଡୁଥିବା ଦେଖିବାକୁ ପାଇଥିଲେ । ଟର୍ଚ୍ଚ ଲାଇଟର ପିଛା କରୁ କରୁ ବନ କର୍ମଚାରୀମାନେ ସାବଧାନ ସହକାରେ ଶିକାରୀଙ୍କ ପାଖରେ ପହଞ୍ଚି ସେମାନଙ୍କୁ କାବୁ କରିଥିଲେ ।

# ୫୦ରୁ ଊର୍ଦ୍ଧ୍ୱ ପ୍ୟାକ୍ସ ଆକାଉଣ୍ଟ ଅଚଳ ପାଇଁ ନୋଟିସ୍

**ଆୟକର ଫାଙ୍କିବା ଅଭିଯୋଗ**

ନୟାଗଡ଼,୧୮ ।୨(ସମିସ)

ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଆୟକର ଫାଙ୍କିବା ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଏବେ ବିଭିନ୍ନ ପ୍ୟାକ୍ସ ଆକାଉଣ୍ଟ ଅଚଳ ପାଇଁ ଆୟକର ବିଭାଗ ନୋଟିସ କରିଛି । ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ବିଭିନ୍ନ ଶାଖା ପରିଚାଳକଙ୍କୁ ନୋଟିସ ହୋଇଥିବା ସୂଚନା ମିଳିଛି । ଜିଲ୍ଲାର ୫୦ରୁ ଊର୍ଦ୍ଧ୍ୱ ପ୍ୟାକ୍ସ ଋଣ ଓ ଅନ୍ୟାନ୍ୟ ବ୍ୟାଙ୍କ ଖାତାକୁ ଫ୍ରିଜ କରିବାକୁ କୁହାଯାଇଛି । ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କଠାରୁ ଟଙ୍କା ନେଇ ସମବାୟ ସମିତି ତଥା ପ୍ୟାକ୍ସଗୁଡ଼ିକ ଲୋକଙ୍କୁ ବିନା ସୁଧରେ ଋଣ ଲଗାଣ କରୁଛନ୍ତି । ପ୍ୟାକ୍ସଗୁଡ଼ିକ ଏ ବାବଦରେ ସାମାନ୍ୟତମ କମିଶନ ପାଉଥିବା ବେଳେ ବ୍ୟାପକ ଲାଭାଂଶ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ, ରାଜ୍ୟ ସମବାୟ ବ୍ୟାଙ୍କ ପାଉଛନ୍ତି । କିନ୍ତୁ ବାରମ୍ବାର ଋଣ ନେଣଦେଣ କରାଇ ସମବାୟ ବ୍ୟାଙ୍କ ଏବେ ପ୍ୟାକ୍ସଗୁଡ଼ିକୁ ଅଡୁଆ ମଧ୍ୟକୁ ଠେଲି ଦେଇଛି । ଦୀର୍ଘ ବର୍ଷ ଧରି ଆୟକର ବିଭାଗ ପ୍ୟାକ୍ସଗୁଡ଼ିକୁ ନୋଟିସ କରି ଆସୁଥିଲା । ଏହାକୁ ସମାଧାନ କରିବା ପାଇଁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷ ବିଗତ ଦିନରେ ପ୍ୟାକ୍ସଗୁଡ଼ିକରୁ ୧୫ ହଜାର ଲେଖାଏଁ ଟଙ୍କା ଆଦାୟ କରିଥିଲେ । ଏହି ଅର୍ଥକୁ କିଛି ବ୍ୟକ୍ତି ଚଳୁ କରି ଦେଇଥିବା ବେଳେ ଏବେ ପ୍ୟାକ୍ସଗୁଡ଼ିକ ଅଡୁଆ ମଧ୍ୟକୁ ଠେଲି ହୋଇଯାଇଛି । ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ବିଭିନ୍ନ ଶାଖା ଅଧୀନରେ ରହିଥିବା ପ୍ୟାକ୍ସଗୁଡ଼ିକର ବ୍ୟାଙ୍କ ଖାତାରେ ନେଣଦେଣ ନ କରିବା ପାଇଁ ଆୟକର ବିଭାଗ ଗତ ୧୧ ତାରିଖ ନୋଟିସ କରିଛି । ଯାହାକୁ ନେଇ ବିଭିନ୍ନ ପ୍ୟାକ୍ସ ଏବେ ଚିନ୍ତାରେ ପଡ଼ିଛି । ବ୍ୟାଙ୍କ ଖାତା ଅଚଳ ହେଲେ ଚାଷୀଙ୍କ ଋଣ ନେଣଦେଣ ହୋଇପାରିବ ନାହିଁ ବୋଲି ସୂଚନା ମିଳିଛି । ଏହା ସହିତ ପ୍ୟାକ୍ସଗୁଡ଼ିକ ନିଜସ୍ୱ ପରିଚାଳନା, କର୍ମଚାରୀଙ୍କୁ ଦରମା ଏବଂ ମଣ୍ଡି ପରିଚାଳନା ପାଇଁ ଟଙ୍କା ଉଠାଣ କରିପାରିବେ ନାହିଁ ବୋଲି ଜଣାପଡ଼ିଛି । ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ହୋଇଥିବା ଆୟକର ଘୋଟଲା ପରିଧି ମଧ୍ୟରେ ପ୍ୟାକ୍ସଗୁଡ଼ିକ ଏବେ ଛନ୍ଦି ହୋଇଥିବା ଆଲୋଚନା ହେଉଛି । ଯାହାକୁ ନେଇ ଅନେକ ପ୍ୟାକ୍ସ ସଭାପତି ବ୍ୟାଙ୍କ ଘେରଉ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶାଖା ଅଧୀନ କୁରାଳ, ସାକେରୀ, ବାଉଶଁଗାଡ଼ିଆ ପ୍ୟାକ୍ସ, ଶରଣକୁଳ ଶାଖା ଅଧୀନ ଶିଖରପୁର ସମେତ ୫ଟି ପ୍ୟାକ୍ସ, ସେହିଭଳି ବିଭିନ୍ନ ଶାଖା ଅଧୀନ ଅନେକ ପ୍ୟାକ୍ସର ବ୍ୟାଙ୍କ ଖାତା ଫ୍ରିଜ କରିବାକୁ ଶାଖା ପରିଚାଳକଙ୍କୁ ନୋଟିସ ହୋଇଛି । ଏହାକୁ ନେଇ କୁରାଳ ପ୍ୟାକ୍ସ ସଭାପତି କାହ୍ନୁଚରଣ ପଣ୍ଡା କୁହନ୍ତି, ବ୍ୟାଙ୍କର ଚତୁରାମୀ ପାଇଁ ପ୍ୟାକ୍ସଗୁଡ଼ିକ ଅଡୁଆରେ ପଡ଼ିଛନ୍ତି । ବ୍ୟାଙ୍କ ଏହି ସମସ୍ୟାକୁ ସମାଧାନ ନ କଲେ ଚାଷୀଙ୍କୁ ନେଇ ବ୍ୟାଙ୍କ ଘେରଉ କରାଯିବ ବୋଲି ସେ କହିଛନ୍ତି । ସେହିଭଳି ବରିଷ୍ଠ ସମବାୟବିତ୍ ସନ୍ୟାସୀ ପ୍ରଧାନ କହିଛନ୍ତି, ଏହା କେବଳ ଆମ ଜିଲ୍ଲାର ସମସ୍ୟା ନୁହେଁ, ସାରା ରାଜ୍ୟର ସମସ୍ୟା । ରାଜ୍ୟ ସରକାର କ'ଣ ପଦକ୍ଷେପ ନେବେ ତାହାକୁ ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି । ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ଉଠାଇ ନାହାନ୍ତି । ଏହାକୁ ନେଇ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀଙ୍କୁ ପଚାରିବାରୁ କହିଲେ, କୁରାଳ ପ୍ୟାକ୍ସ ବିଷୟ ଶୁଣିଥିଲି । ଅନ୍ୟ ବିଷୟ ଜାଣିନାହିଁ । ଏ ବିଷୟରେ ବୁଝିବି ବୋଲି କହିଛନ୍ତି ।

## ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା



ଭାପୁର,୧୮ ।୨(ସମିସ): ଭାପୁର ବ୍ଲକ ଭଗବାନପୁର ପଞ୍ଚାୟତ ବେତଖୋଲି ଗ୍ରାମବାସୀଙ୍କ ଦ୍ୱାରା ଗାଁ ନିକଟ ମୁଣ୍ଡବଥାଳି ପାହାଡ଼ ଉପରେ ନିର୍ମାଣ ହୋଇଛି ୩୬ ଫୁଟ ଉଚ୍ଚ ବିରାଟ ହନୁମାନ ମୂର୍ତ୍ତି ଓ ମନ୍ଦିର । ଗ୍ରାମବାସୀ ଓ ମନ୍ଦିର କମିଟି ଅକ୍ଳାନ୍ତ ପରିଶ୍ରମ କରି ଅର୍ଥ ଓ ଶ୍ରମଦାନ କରି ଏହି ମନ୍ଦିର ନିର୍ମାଣ କରିଛନ୍ତି । ମନ୍ଦିର କମିଟି ସଭ୍ୟ ତଥା ସମିତି ସଭ୍ୟାଙ୍କ ପ୍ରତିନିଧି ବସନ୍ତ କୁମାର ନାୟକ, ଗ୍ରାମ ସଭାପତି ଉଦ୍ୟନାଥ ପ୍ରଧାନ, ନୀଳମଣି ନାୟକ, ମନ୍ଦିର କମିଟି ସମ୍ପାଦକ ଗୋପାଳକୃଷ୍ଣ ଆଚାର୍ଯ୍ୟ, ବିଶ୍ୱନାଥ ସାହୁ, ଅନନ୍ତ ପ୍ରଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏକ କଳସ ଶୋଭାଯାତ୍ରା ବୁଧବାର ଗ୍ରାମ ପରିକ୍ରମା କରିଛି । ମାନସିକଧାରୀ ୧୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ନିକଟସ୍ଥ କୁସୁମୀ ନଦୀରୁ ଜଳପୂର୍ଣ୍ଣ କଳସ ଧାରଣ କରି ଶୋଭାଯାତ୍ରାରେ ଆସି ମନ୍ଦିର ପରିସର ଯଜ୍ଞକୁଣ୍ଡରେ ସ୍ଥାପନ କରିଥିଲେ । ପ୍ରଥମ ଦିବସରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ, ଗର୍ଭାଧାନ କର୍ମ, ଦେବତା ଆବାହନ ଆଦି ପୂଜାବିଧି କରାଯାଇଛି । ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମୁଖ୍ୟ କର୍ମାଚାର୍ଯ୍ୟ ଭାବେ ପ୍ରସନ୍ନ କୁମାର ଶତପଥୀ, ଆଚାର୍ଯ୍ୟ ତପନ କୁମାର ରଥ, ପ୍ରଚାରକ ବିଶ୍ୱଜିତ କର, ଶିବରାମ କର, କାଳନ୍ଦୀ ଦାଶ, ବିଜୟ କୁମାର ଶତପଥୀ, ପୀତବାସ ମହାପାତ୍ର ପ୍ରମୁଖ ଯୋଗ ଦେଇ ଦାୟିତ୍ୱ ତୁଲାଇଥିଲେ । କର୍ତ୍ତା ଭାବେ ବନମାଳୀ ମିଶ୍ର ଏବଂ ସ୍ନେହଲତା ମିଶ୍ର ଦାୟିତ୍ୱ ନିଭାଇଥିଲେ । ବେତଖୋଲି ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବୁଧବାର, ଗୁରୁବାର ଓ ଶୁକ୍ରବାର ତିନିଦିନ ଧରି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ଆଜିଠାରୁ ଆରମ୍ଭ ହୋଇଥିବା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଏକାଧିକ ସାଧୁସନ୍ଥ, ମାନ୍ୟଗଣ୍ୟ ଅତିଥି ଓ ବହୁ ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିଲା । ସମସ୍ତଙ୍କ ପାଇଁ ତିନିଦିନ ଧରି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି ।

## ମାଙ୍କଡ଼ା ପଥର ସହ ମିନିଟ୍ରକ ଜବତ

**ଜଣେ ଗିରଫ**



ଓଡ଼ଗାଁ,୧୮ ।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୋମଣ୍ଡ ଏବଂ ଭଗବତୀ ପ୍ରସାଦ ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଖଣିରୁ ରାତିରେ ଚୋରା ଚାଲାଣ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଏ ନେଇ ପ୍ରଶାସନକୁ ନିନ୍ଦିତ ହେବାକୁ ପଡ଼ିଥିଲା । ପରବର୍ତ୍ତୀ ସମୟରେ ମାଙ୍କଡ଼ା ଖଣିରେ ବଡ଼ଧରଣର ଚଢ଼ଉ କରାଯିବା ପରେ ପଥର କଟା ଏବଂ ଚୋରା ଚାଲାଣ ବନ୍ଦ ରହିଥିଲା । ବର୍ତ୍ତମାନ କେତେଜଣ ଅସାଧୁ ବ୍ୟବସାୟୀ ରାତିରେ ପଥର କାଟି ଚାଲାଣ କରୁଥିବା ବେଳେ ଏହାକୁ ସୁରକ୍ଷା ଦେବାପାଇଁ ପ୍ରତି ଛକରେ ସିକ୍ୟୁରିଟି ରଖାଯାଉଛି । ସୋମବାର ରାତିରେ ଓଡ଼ଗାଁ ପୁଲିସ ଚୋରା ଚାଲାଣ ହେଉଥିବା ମାଙ୍କଡ଼ା ପଥର ସହ ଏକ ମିନିଟ୍ରକ କୋମଣ୍ଡ ଖଣି ନିକଟ ରାସ୍ତାରୁ ଜବତ କରିଛି । ଏହି ଘଟଣାରେ କୋମଣ୍ଡ ଗୌଡ଼ସାହିର ଗାଡ଼ି ଚାଳକ ହୃଷୀକେଶ ଦଳେଇ (୪୫)ଙ୍କୁ ଗିରଫ କରାଯାଇ ଜାମିନରେ ଛଡ଼ାଯାଇଛି ।

ଗତ ୧୧ ତାରିଖ ରାତିରେ ନୟାଗଡ଼ ଖଣି ବିଭାଗ ଭଗବତୀ ପ୍ରସାଦ ପଥର ଖଣିରେ ଚଢ଼ଉ ବେଳେ ପଥରକଟାରେ ବ୍ୟବହୃତ ପାୱାର ଟିଲର ଓ ପରିବହନ ନିମନ୍ତେ ଥିବା ମିନିଟ୍ରକ ଘଟଣାସ୍ଥଳରୁ ଗାଏବ ହୋଇଯାଇଥିଲା । ଖଣି ବିଭାଗ ଗୋଟିଏ ମାତ୍ର ଟ୍ରାକ୍ଟର ଜବତ୍ କରିରେ ସକ୍ଷମ ହୋଇଥିଲା । ଏହିପରି ପ୍ରତିଦିନ ବେଆଇନ ଭାବେ ମାଙ୍କଡ଼ା ପଥର କାଟୁଥିବା ମାଫିଆଙ୍କ ସହିତ ଖଣି ବିଭାଗର ଚୋର ପୁଲିସ ଖେଳ ଚାଲିଛି । ବଡ଼ଧରଣର କାର୍ଯ୍ୟାନୁଷ୍ଠାନ କରାଗଲେ ଯାଇ ଏହାକୁ ରୋକାଯାଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୯ମ ବାର୍ଷିକ ଉତ୍ସବ



ଗଣିଆ,୧୮ ।୨(ସମିସ): ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମଧ୍ୟଖଣ୍ଡର ୯ମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଅନ୍ତର୍ଜାତୀୟ ଗଲ୍ଫ ଖେଳାଳି ବିକାଶ ଚନ୍ଦ୍ର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନର ଜିଲ୍ଲା ଆବାହକ ସନାତନ ଲେଙ୍କା, ଜିଲ୍ଲା ପରିଷଦ ବସନ୍ତ କୁମାର ପ୍ରଧାନ, ସରପଞ୍ଚ ସସ୍ମିତା ପ୍ରଧାନ, ଅବସରପ୍ରାପ୍ତ ସୈନିକ ସରୋଜ କୁମାର ପଣ୍ଡା, ଶିକ୍ଷକ ଦୀପକ କୁମାର ବିଶ୍ୱାଳ, ସଭାପତି ସଂଗ୍ରାମ କେଶରୀ ମହାପାତ୍ର, ସମ୍ପାଦକ ପୁରୁଷୋତ୍ତମ ଡାକୁଆ ପ୍ରମୁଖ ମଞ୍ଚାସୀନ ଥିଲେ । ପରମପ୍ରଭୁ ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଅଭିଭାବକମାନଙ୍କ ଭୂମିକା ସମ୍ପର୍କରେ ଜିଲ୍ଲା ଆବାହକ ଅଭିଭାଷଣ ରଖିଥିଲେ । ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଗୁରୁତ୍ୱ ଦେବା ସହ ପାଠଚକ୍ର ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ନାଟ୍ୟକାର ଚିତ୍ତରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ ଭକ୍ତ ସାଲବେଗ ଓ ସହିଦ ବାଜି ରାଉତ ଦର୍ଶକଙ୍କୁ ବିମୋହିତ କରିଥିଲା ।

## ଏମ୍ଏମ୍ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଦଶପଲ୍ଲା ଚାମ୍ପିଅନ

ଗଣିଆ,୧୮ ।୨(ସମିସ)




କାଦୁଆ ରାଧାକୃଷ୍ଣ ଯୁବକ ସଂଘ ଦ୍ୱାରା ଆୟୋଜିତ ଏମ୍ଏମ୍ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ବଧବାର ଦଶପଲ୍ଲା ଓ ଇନ୍ଦିପଟା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଛି । ଦଶପଲ୍ଲା ବିଜୟୀ ହୋଇ ଚାମ୍ପିଅନ ହୋଇଛି । ଇନ୍ଦିପଟା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରିଥିଲା । ଜବାବରେ ଦଶପଲ୍ଲା ଦଳ ୧୬.୩ ଓଭର୍‌ରେ ଗୋଟିଏ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା ।

ମୁଖ୍ୟଅତିଥି ଭାବେ ଗଣିଆ ବ୍ଲକ୍ ଅଧକ୍ଷା ଝୁନା ଜେନା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ମହାନଦୀ ପବ୍ଲିକ୍ ସ୍କୁଲ ପ୍ରତିଷ୍ଠାତା ପଙ୍କଜ କୁମାର ସାହୁ, ପୂର୍ବତନ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା ଓ ପୂର୍ବତନ ଶିକ୍ଷକ ଯୁଗଳ କିଶୋର ସ୍ୱାଇଁ ଯୋଗଦେଇଥିଲେ ।

ସଂଗ୍ରାମ କେଶରୀ ମହାନ୍ତି ଓ ତୁଷାର ରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ । ତ୍ରିଲୋଚନ ବସ୍ତି ରେଫରି ଦାୟିତ୍ୱ ତୁଲାଇଥିଲେ । ଅତିଥିମାନେ ବିଜୟୀ ଦଶପଲ୍ଲା ଦଳକୁ ୬ ହଜାର ଟଙ୍କା ଓ ରନର୍ସଅପ୍ ଇନ୍ଦିପଟା ଦଳକୁ ୪ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଦଶପଲ୍ଲା ଦଳର ଖେଳାଳି ଦିବାକର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ହାସଲ କରିଥିଲେ ।

## ବ୍ଲକ କଲୋନୀ କ୍ୱାର୍ଟର୍ସ ପରିସରରେ କୁଢ଼ କୁଢ଼ ମଦ ବୋତଲ



ଗଣିଆ,୧୮ ।୨(ସମିସ): ଦୀପ ତଳ ପାଲଟିଛି ଅନ୍ଧାର । ଖୋଦ୍ ଗଣିଆ ବ୍ଲକ ସମ୍ମୁଖରେ ଥିବା କଲୋନୀ କ୍ୱାର୍ଟର୍ସ ପରିସରରେ ପଡ଼ିରହିଛି କୁଢ଼ କୁଢ଼ ମଦ ବୋତଲ । ଆଜିର ଯୁବପିଢ଼ି ମଦ୍ୟପାନ କରି ପଥଭ୍ରଷ୍ଟ ହେଉଥିବା ବେଳେ ସରକାରୀ ସ୍ତରରେ ଅନେକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ତେବେ ସଚେତନତା ବଦଳରେ କଲୋନୀ ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ । ଏ ମଦ ବୋତଲ ଏଠାକୁ କେମିତି ଆସିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଗତ ଦିନରେ କଲୋନୀ ପରିସରରେ ମଦୁଆଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହୋଇଥିବା ବେଳେ ଏବେ ଖୁଲମଖୁଲା ମଦପିଇ କ୍ୱାର୍ଟର୍ସ ପଛପଟେ ମଦବୋତଲ ଗଡୁଥିବା ଦେଖିବାକୁ ମିଳିଛି । ଯଦି ବ୍ଲକ କଲୋନୀ କ୍ୱାର୍ଟର୍ସ ପରିସରରେ ଏଭଳି ମଦବୋତଲ ଗଦା ହୋଇ ରହିବ ତେବେ କାହାକୁ କହିବା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି । କିଛି ଠିକାଦାର ଏବଂ କୁଜିନେତାଙ୍କୁ ଢାଲ କରି ବ୍ଲକ କର୍ମଚାରୀ ଏହି ମଦ୍ୟପାନରେ ଲିପ୍ତ ରହୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ କଲୋନୀ ପରିସରରେ ମଦ ପିଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ବିଜୁ ସେତୁ ଆପ୍ରୋଚ ରାସ୍ତା ଅବସ୍ଥା ଶୋଚନୀୟ



**ତୁରନ୍ତ ନିର୍ମାଣ ଦାବି କଲେ ଅଞ୍ଚଳବାସୀ**

ଖଣ୍ଡପଡ଼ା,୧୮ ।୨(ସମିସ)

ଖଣ୍ଡପଡ଼ା ବ୍ଲକ କିଅାଝର ପଞ୍ଚାୟତ ଗିରିଡ଼ିପଲ୍ଲୀ ଗ୍ରାମରେ ଥିବା ବିଜୁ ସେତୁର ଆପ୍ରୋଚ ରୋଡ ଏବେ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି । ରାଜ୍ୟ ସରକାରଙ୍କ ପକ୍ଷରୁ କୁଆଁରିଆ ନଦୀରେ ଏକ ବିଜୁ ସେତୁ ନିର୍ମାଣ ନିମନ୍ତେ ୨୦୧୯ରେ ନିଷ୍ପତ୍ତି ହୋଇଥିଲା । ୬ କୋଟି ୩୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇ କୁଆଁରିଆ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମୋଟ ୩୦ମିଟର ଲମ୍ବ ଓ ପ୍ରାୟ ୮ମିଟର ଓସାର ବିଶିଷ୍ଟ ଏହି ସେତୁ ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ନ୍ୟସ୍ତ କରାଯାଇଥିଲା । ଏହାଦ୍ୱାରା ଅଞ୍ଚଳବାସୀଙ୍କ ଦୀର୍ଘବର୍ଷର ସ୍ୱପ୍ନ ପୂରଣ ହେବା ସହ ସେମାନଙ୍କ ଯାତାୟାତ ସମସ୍ୟା ସମାଧାନ ହେବା ନେଇ ଆଶା ସଞ୍ଚାର ହୋଇଥିଲା । ମାତ୍ର ୩ ବର୍ଷ ହେବ ସେତୁ ନିର୍ମାଣ ସରିଥିଲେ ସୁଦ୍ଧା ଆପ୍ରୋଚ ରୋଡ ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ । ଗିରିଡ଼ିପଲ୍ଲୀ ଓ ମଙ୍ଗରାଜପୁରକୁ ସଂଯୋଗ କରିବା ପାଇଁ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପର ଆପ୍ରୋଚ ରୋଡ ଶୋଚନୀୟ ହୋଇପଡ଼ିଥିବାରୁ ବର୍ଷା ହେଉ କି ଖରା, ଲୋକେ ନାନା ସମସ୍ୟାରେ ପଡୁଥିବା ଅଭିଯୋଗ ହୋଇଛି । ଉକ୍ତ କଂକ୍ରିଟ ରାସ୍ତା ଦୀର୍ଘବର୍ଷ ପୂର୍ବେ ନିର୍ମାଣ କରାଯାଇଥିବା ବେଳେ ଏବେ ସମ୍ପୂର୍ଣ୍ଣ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି । ତେବେ ଲକ୍ଷାଧିକ ଟଙ୍କା ବ୍ୟୟରେ ସେତୁ ନିର୍ମାଣ କରାଯାଇଥିବା ବେଳେ ମାତ୍ର ୨ ଶହ ମିଟର ରାସ୍ତା ନିର୍ମାଣ କରାଯାଇ ନ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ମଙ୍ଗରାଜପୁର ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକାଧିକ ବାର ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଆଜି ଯାଏଁ ସୁଫଳ ମିଳିନାହିଁ । ଫଳରେ ବର୍ଷାଦିନ ନୁହେଁ ବର୍ଷତମାମ ମଙ୍ଗରାଜପୁର ସମେତ ଆଖପାଖ ଅଞ୍ଚଳର ଏକାଧିକ ଗାଁର ଲୋକେ ସମସ୍ୟା ଭୋଗୁଛନ୍ତି । ଏପରିକି ମଣ୍ଡିରେ ଧାନ ଦେବାକୁ ନେଇ ନାନା ସମସ୍ୟା ଉପୁଜୁଥିବା ଅଭିଯୋଗ କରିଛନ୍ତି ଶତାଧିକ ଗ୍ରାମବାସୀ । ଅଣଓସାରିଆ ରାସ୍ତାରେ ମଣ୍ଡିକୁ ଧାନ ନେବାରେ ନାନା ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି କିଆଝର ପଞ୍ଚାୟତର ଜନସାଧାରଣ । ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ମଙ୍ଗରାଜପୁର ପାଖରୁ ଆପ୍ରୋଚ ରୋଡ ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

## ଏକତା ପଦଯାତ୍ରା ଓ ଆଲୋଚନାଚକ୍ର




ନୟାଗଡ଼,୧୮ ।୨(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ନୟାଗଡ଼ ବ୍ଲକ ପ୍ରଶାସନ ତରଫରୁ ବ୍ଲକ୍ ନୂତନ ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆୟୋଜିତ ବୈଠକରେ ଭାରତର ସଂଗଠନ ଓ ଏକତା କ୍ଷେତ୍ରରେ ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଏହାସହ ବ୍ଲକସ୍ତରୀୟ କବାଡ଼ି ଓ କୁସ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ତଥା ବିଜେତା ଓ ଉପ-ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପରେ ବ୍ଲକ କାର୍ଯ୍ୟାଳୟଠାରୁ ମା' ଦକ୍ଷିଣକାଳୀ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ନୟାଗଡ଼ ବିଡିଓ ଐଶ୍ୱର୍ଯ୍ୟା ଭୂୟାଁ, ଏବିଡିଓ ରତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହ ବ୍ଲକ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଅଙ୍ଗନବାଡ଼ି କର୍ମୀ ମଧ୍ୟ ସାମିଲ ହୋଇଥିଲେ । ମନ୍ଦିର ସମ୍ମୁଖରେ ସମସ୍ତ ଉପସ୍ଥିତ ସଭ୍ୟ "ଏକତା ସଂକଳ୍ପ' ପାଠ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରୀତମ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀଧର ମଲ୍ଲିକ ଏବଂ ସରୋଜ କୁମାର ବେହେରା ସହଯୋଗ କରିଥିଲେ ।

# ଦେଶୀ ମଦ ଜବତ, ୪ ଗିରଫ




ବାଲୁଗାଁ, ୧୮।୨(ସମିସ) :

ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ପୂର୍ବାହ୍ନରେ ବାଣପୁର ଥାନା ଅନ୍ତର୍ଗତ ଶାଳିଆ କେନାଲ ରାସ୍ତାର ବିଭିନ୍ନ ଗ୍ରାମ ଛକରେ ଚଢ଼ାଉ କରି ୧୦୩ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ଏଥିôରେ ସଂପୃକ୍ତ ୪ ଜଣ ମଦ ବେପାରୀଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଅବକାରୀ ଟିମ ବାଣପୁର ଥାନା ଅଧିନ ଶାଳିଆ କେନାଲ ରାସ୍ତାର ପ୍ରତାପ ଗ୍ରାମ ଛକରେ ଚଢାଉ କରି ଗଞ୍ଜାମ ଜିଲ୍ଲା ଖଲିକୋଟ ଥାନା ଅଧିନ ଛକାସିଂ ଗ୍ରାମର ତ୍ରିନାଥ ଶବର(୫୦)ଙ୍କୁ ଗିରଫ କରି ତାଙ୍କ ଠାରୁ ୨୦ଲିଟର ଦେଶୀ ମହୁଲ ମଦ ଜବତ କରିଥିବା ବେଳେ ଉକ୍ତ କେନାଲ ରାସ୍ତାର ଲାଠିପଡ଼ା ଗ୍ରାମରେ ଚଢାଉ କରି ଛକାସିଂ ଗ୍ରାମର ଭାସ୍କର ଶବର(୪୦)ଙ୍କୁ ଗିରଫ କରି ତାଙ୍କ ଠାରୁ ୨୮ ଲିଟର ଦେଶୀ ମହୁଲ ମଦ ଜବତ କରିଛି ଅବକାରୀ ଟିମ। ସେହିପରି ଶାଳିଆ କେନାଲ ରାସ୍ତାର ଝିଣ୍ଟିକାପଲ୍ଲୀ ଗ୍ରାମ ନିକଟରେ ଚଢାଉ କରି ଉକ୍ତ ଛକାସିଂ ଗ୍ରାମର ମଦ ବେପାରୀ ଲକ୍ଷ୍ମଣ ଶବର (୪୫)ଙ୍କୁ ଗିରଫ କରି ତାଙ୍କ ଠାରୁ ୨୬ ଲିଟର ଦେଶୀ ମହୁଲ ମଦ ଜବତ କରିଥିବା ବେଳେ ଉକ୍ତ ଶାଳିଆ କେନାଲ ରାସ୍ତାର ଦଣ୍ଡିଗାଡ଼ିଆ ଗ୍ରାମ ନିକଟରେ ଚଢ଼ଉ କରି ଉକ୍ତ ଛକାସିଂ ଗ୍ରାମର ମଦ ବେପାରୀ ଲଖିଆ ଶବର (୪୦)ଙ୍କୁ ଗିରଫ କରି ତାଙ୍କ ଠାରୁ ୨୯ ଲିଟର ଦେଶୀ ମହୁଲ ମଦ ଜବତ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ୪ଟି ପୃଥକ ମାମଲା ରୁଜୁ କରି ସମସ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟ .ଲାଣ କରାଯାଇଥିବା ସୂଚନା ମିଳିଛି। ଉକ୍ତ ଚଢାଉରେ ବାଲୁଗାଁ ଅବକାରୀ ଏସଆଇ ମୀନକେତନ ମାହାଲିକ, ସିପାହୀ ଅଶେଷ ପ୍ରଧାନ, ମନୋଜ ଜୟସିଂ, ରଂଜିତ ପଟେଲ ଓ ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

# ଦାଦାବଟି ନ ଦେବାରୁ ଭାଙ୍ଗିଦେଲେ ନିର୍ମାଣାଧୀନ ପାଠାଗାର

## ଜିଲ୍ଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲେ ସ୍ଥାନୀୟ ଲୋକ

ଖୋର୍ଦ୍ଧା,୧୮।୨(ସମିସ):

ଦାଦାବଟି ନ ଦେବାରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ପାଠାଗାରକୁ ମାଟିରେ ମିଶାଇଦେଲେ ଦୁର୍ବୃତ୍ତ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାର୍ଯ୍ୟକରୁଥିବା ଠିକାଦାର କିପରି ଖର୍ଚ୍ଚ ଅର୍ଥ ପାଇବେ ସେ ନେଇ ଚନ୍ତାରେ। ନିର୍ମାଣଧିନ ପାଠାଗାରକୁ ଭାଙ୍ଗି ମାଟିରେ ମିଶାଇଥିବା ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଠିକାଦାର ଓ ତାଙ୍କ ସଯୋଗୀଙ୍କ ସୁରକ୍ଷା ଦାବିରେ ଆଜି ଠିକାଦାରଙ୍କ ସମେତ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ଅନ୍ୟଏକ ଅଭିଯୋଗ ପତ୍ର ଏସ୍‌ପିଙ୍କୁ ଭେଟି ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ମଲ୍ଲୀପୁର ପଞ୍ଚାୟତରେ ସର୍ବସାଧାରଣଙ୍କ ନିମନ୍ତେ ସାଂସଦ ପାଣ୍ଠିରୁ ୫ ଲକ୍ଷ ବ୍ୟୟରେ ଏକ ପାଠାଗାର ନିର୍ମାଣ କରିବା ଲାଗି କାର୍ଯ୍ୟାଦେଶ ବନ୍ତଲ ଗ୍ରାମର ହେମନ୍ତ ମାନସିଂହଙ୍କୁ ଦିଆଯାଇଥିଲା। ଏହି କ୍ରମରେ ସର୍ବସାଧାରଣ ପାଠାଗାର ପଂଚାୟତର କେଉଁସ୍ଥାନରେ କରାଯିବା ନେଇ ବ୍ଲକ ଓ ତହସିଲ ପ୍ରଶାସନ ସମେତ ସମସ୍ତ ଗ୍ରାମବାସୀ ମିଶି ବିଂକୁଡିଆ ଗ୍ରାମରେ କରିବାକୁ ଜାଗା ଚିହ୍ନଟ କରାଯାଇଥିଲା। ଗତ ୨୦୨୫ ମଇ ମାସ ୮ ତାରିଖରେ ନଂ-୧୫୫୧ ରେ କାର୍ଯ୍ୟାଦେଶ ପାଇ ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ପାଠାଗାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତଳୁ କାମ ୬ଫୁଟ ୬ଇଂଚ ପର୍ଯ୍ୟନ୍ତ ନିର୍ମାଣ ହୋଇ ଆସିଥିବାବେଳେ ଗତ ୧୫ ତାରିଖ (ରବିବାର)ଦିନ ବିଂକୁଡ଼ିଆ ଗ୍ରାମର କିଛି ଦୁର୍ବୃତ୍ତ ପାଠାଗାର ନିର୍ମାଣ କାମ କରୁଥିବା ହେମନ୍ତ ଙ୍କୁ ଆମ ଗାଁରେ କରୁଛ ଦାଦାବଟି କାଇଁ ଦେଇନ କହି ଟଙ୍କା ମାଗିଥିଲେ। ଏଥିରେ ହେମନ୍ତ ଅସମର୍ଥ ପ୍ରକାଶ କରିବାରୁ ତାଙ୍କୁ ମରାଣାତ୍ମକ ଆକ୍ରମଣର ଧମକ ଦେବା ଏବଂ ନିର୍ମାଣ ହେଉଥିବା ପାଠାଗାର ଘରକୁ ଭାଙ୍ଗିଦେବାକୁ ଧମକ ଦେଇଥିଲେ ଉକ୍ତ ଦୁର୍ବୃତ୍ତମାନେ। ଏ ନେଇ ହେମନ୍ତ ଶିଳ୍ପାଂଚଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ଏହାକୁ ସେତେ ଗୁରୁତର ସହ ନେଇନଥିବାରୁ ଦୁର୍ବୃତ୍ତମାନେ ଧମକ ଦେବାର ଗୋଟିଏ ଦନ ପରେ ଅର୍ଥାତ୍ ମଙ୍ଗଳବାର ରାତି ପ୍ରାୟ ୧୧.୪୫ମି ସମୟରେ ଏକ ଜେସିବି ଯୋଗେ ଉକ୍ତ ନିର୍ମାଣଧିନ ପାଠାଗାରକୁ ଭାଙ୍ଗି ମାଟିରେ ମିଶାଇ ଦେଇଥିଲେ। ଖବର ପାଇ ହେମନ୍ତଙ୍କ ତାଙ୍କ ସହଯୋଗୀ ସେଠାରେ ପହଁଚିବା ବେଳକୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ପାଠାଗାରକୁ ଭାଙ୍ଗିଥିବା ଦେଖିଥିଲେ।






କାର୍ଯ୍ୟ ଶେଷ ହୋଇନଥିବାରୁ ସରକାରୀ ତହବିଲରୁ ଠିକାଦାରକୁ ଅର୍ଥ ମିଳିନଥିବାବେଳେ ଧାର ଉଧାର କରି କାର୍ଯ୍ୟ ଜାରୀ ରଖିଥିବା ଠିକାଦାର ହେମନ୍ତଙ୍କ ଚିନ୍ତା ବଢିଥିବା ସେ ଆଜି ଜିଲ୍ଲାପାଳ ଓ ଏସପିଙ୍କୁ ଜଣାଯାଇଛନ୍ତି। ସର୍ବସାଧାରଣଙ୍କ ନିମନ୍ତେ ନିର୍ମାଣ ଚାଲିଥିବା ପାଠାଗାର କୁ ଭାଙ୍ଗିଥିବା ଦୁବୃର୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଏବଂ ଉକ୍ତ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ଟଙ୍କାର କ୍ଷତିପୁରଣ, ଠିକାଦାର ହେମନ୍ତ ଓ ତାଙ୍କ ସହଯୋଗୀଙ୍କ ସୁରକ୍ଷାଦାବୀରେ ଆଜି ହେମନ୍ତଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦାବିପତ୍ର ଦେବାବେଳେ ହେମନ୍ତ ମାନସିଂ, ବିଜେପି ମଣ୍ଡଳ ପ୍ରତିନିଧି ସଂଗ୍ରାମ କେଶରୀ ସମାନ୍ତସିଂହାର, ବିଜେପି ମଣ୍ଡଳ ସଭାପତି ମନୋରଞ୍ଜନ ବଡ଼ଜେନା, ସାଂସଦ ପ୍ରତିନିଧି ପ୍ରତାପ ମହାପାତ୍ରଙ୍କ ସମେତ କେତେକ ଗ୍ରାମବାସୀ ସାମିଲ ହୋଇଥିଲେ।

# ରେଳ ଧାରଣାରୁ ମୃତଦେହ ଉଦ୍ଧାର

ଜଟଣୀ, ୧୮।୨(ସମିସ): ଜଟଣୀ ତରାବୋଇ ନିକଟ ରେଳ ଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ତାଙ୍କର ବୟସ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ ଯେ, ଆଜି ସଂଧ୍ୟାରେ ରେଳ ଧାରଣାରେ ଜଣେ ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକ ଦେଖି ରେଳବାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ଚିହ୍ନଟ ପାଇଁ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ ମଧ୍ୟ ପରିଚୟ ମିଳିପାରି ନଥିଲା। ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

# ମନ୍ଦିରରୁ ଚୋରି ଘଟଣାରେ ଜଣେ ଗିରଫ



ବାଣପୁର,୧୮।୨(ସମିସ) :

ବାଣପୁର ଥାନା ଅନ୍ତର୍ଗତ ପଲଟଣ ପଡିଆସ୍ଥିତ ଶ୍ରୀ ବ୍ରହ୍ମେଶ୍ୱର ଦେବ ମନ୍ଦିରର ଦାନ ବାକ୍ସ ଭାଙ୍ଗି ଚୋରି ଘଟଣାର ୨୪ ଘଣ୍ଟା ମଧ୍ୟରେ ବାଣପୁର ପୁଲିସ ଜଣକୁ ଗିରଫ କରିବା ସହ ତା'ଠାରୁ ୨୪୯୦ ଟଙ୍କା ଉଦ୍ଧାର କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଅଞ୍ଚଳର ହରି (୨୨) ନାମକ ଯୁବକ ଯେ କି ବାଣପୁର ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ସଂସ୍ଥାରେ କାମ କରୁଥିବା ଜଣା ପଡିଛି। ପୁଲିସ ଅଭିଯୁକ୍ତ ହରିକୁ ବୁଧବାର କୋର୍ଟ ଚାଲାଣ କରିଥିବା ବେଳେ ବଳକା ଚୋରି ଟଙ୍କା ଉଦ୍ଧାର ସହ ଏହି ଚୋରିରେ ସମ୍ପୃକ୍ତ ହରିର ସହଯୋଗୀଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରମେଶ କୁମାର ଦେବତା ସୂଚନା ଦେଇଛନ୍ତି। ବାଣପୁର ପଲଟଣ ପଡିଆ ସ୍ଥିତ ଶ୍ରୀ ବ୍ରହ୍ମେଶ୍ୱର ଦେବ ମନ୍ଦିର ପରିସରରେ ଥିବା ଦାନ ବାକ୍ସର ତାଲା ଭାଙ୍ଗି ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦାନ ବାକ୍ସରେ ଥିବା ପ୍ରାୟ ୧୫ ହଜାର ଟଙ୍କା ଚୋରି କରି ନେଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ବାଣପୁର ଥାନା କେସ ନଂ ୬୨/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ଅଞ୍ଚଳରେ ଲାଗି ଥିବା ସିସିଟିଭି ଫୁଟେଜ ଆଧାରରେ ପୁଲିସ ହରିକୁ ଥାନାକୁ ନେଇ ପଚରାଉଚରା କରିବାରେ ହରି ଚୋରି କରିଥିବା ନେଇ ସ୍ୱୀକାର କରିଥିବା ବେଳେ ପୁଲିସ ତା ଠାରୁ ୨୪୯୦ ଟଙ୍କା ଓ ଗୋଟିଏ ଶାବଳ ଜବତ କରିଥିଲା।




# ଜୟଦୁର୍ଗା ଫୁଟବଲ୍; ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ସେମିରେ

ବେଗୁନିଆ,୧୮।୨ (ସମିସ): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମରେ ୩୧ତମ ବାର୍ଷିକ ଜୟଦୁର୍ଗା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ବୁଧବାର ଦିନ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ଓ ଟାଙ୍ଗୀ ଫୁଟବଲ୍ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଟାଇବ୍ରେକର ସହାୟତାରେ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ୧-୦ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଏହି ଖେଳରେ ବିଜେପି ଦଳର ରାଜ୍ୟ ଉପ ସଭାପତି ଡ. ଯତୀନ ମହାନ୍ତି, ପୂର୍ବତନ ଜିଲ୍ଲା ଉପସଭାପତି ରୁଦ୍ର ନାରାୟଣ ବାହିନୀପତି, ଖଣ୍ଡାୟତ କ୍ଷତ୍ରୀୟ କଳ୍କୀ ସେନାର ରାଜ୍ୟ ସଭାପତି ଯୋଗିନାଥ ବଳିୟାର ସିଂହ, ସଦସ୍ୟ ନୃସିଂହ ଛୋଟରାୟ, କଣ୍ଟାମଣି ଗ୍ରାମ୍ୟକମିଟି ଉପଦେଷ୍ଟା ଚନ୍ଦ୍ର ଶେଖର ପାତ୍ର, ମହେନ୍ଦ୍ର ମାର୍ଥା, ସଭାପତି ଜମ୍ବେଶ୍ୱର ରାଉତରାୟ, ସମ୍ପାଦକ ଆର୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରୀ ବନ୍ଧୁ ପାଇକରାୟ, ଉପସଭାପତି ଅଜୟ କୁମାର ମାର୍ଥା ଓ ବରିଷ୍ଠ ଫୁଟବଲ୍ ଖେଳାଳୀ କୈଳାସ ଚନ୍ଦ୍ର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ। ଖେଳକୁ ମ୍ୟାଚ କମିଶନର ନେତୃତ୍ୱରେ ଦୟାନ୍ ଖାଁଙ୍କ ନିର୍ଦ୍ଦେଶରେ ରେଫରୀ ରାଜୁ ମହାନ୍ତି ନେତୃତ୍ୱରେ ଲାଇନ ମ୍ୟାନ ଭାବେ ବିଦେଶୀ ନାୟକ, ସଗିର ଅହମ୍ମଦ ଓ ଗିରିଶ ଜାନି ସହଯୋଗ କରିଥିଲେ।

# ବାର୍ଷିକ ପୁରସ୍କାର ବିତରଣ



ଟାଙ୍ଗୀ,୧୮।୨(ସମିସ):

ଟାଙ୍ଗୀ ବ୍ଲକ ଅଧିନସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠାନର ପ୍ରତିଷ୍ଠାତା ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନଧାତାଙ୍କ ଅଧ୍ୟକ୍ଷତା ରେ ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଶିକ୍ଷା ସଂଗଠକ ପୂର୍ବତନ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ମୁଖ୍ୟବକ୍ତା, ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁ, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ରାମଚନ୍ଦ୍ରପୁର ସରପଞ୍ଚ ମଧୁସୂଦନ ପଳାଇ, ଯୁବ ସମାଜସେବୀ ତରୁଣ ସୁନ୍ଦରାୟ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗୁରୁମା, ପିତା ମାତା ମାନେ ଶିଶୁ ମାନଙ୍କୁ ଭଲ ମଣିଷ ଭାବେ ଗଢିତୋଳିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଅରୁନ୍ଧତୀ ମାନଧାତା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅନୁଷ୍ଠାନର ପ୍ରଣାପ୍ରତିଷ୍ଠାତା ବୈକୁଣ୍ଠ ନାଥ ମାର୍ଥା ଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରା ଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଚାମ୍ପିଅନ ଟ୍ରଫି ହାସଲ କରିଥିଲେ ହର୍ଷିତା ପ୍ରିୟଦର୍ଶିନୀ ମାଝୀ, ସାୟନ୍ତିନି ପଣ୍ଡା, ଅଙ୍କିତା ସାହୁ ଓ ପ୍ରତ୍ୟୁଷା ପ୍ରିୟଦର୍ଶିନୀ ବେହେରା। ମଞ୍ଚ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ବିଶ୍ୱାଳ ଓ ଜି. କ୍ରିଷ୍ଣା ଗାନ୍ଧୀ, କୌଣସି ଏକ କାର୍ଯ୍ୟକ୍ରମରେ ଯାଉଥିବା ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ସେଠାରେ ଅଟକି ଶିଶୁ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

# ନିରୀକ୍ଷଣ ଓ ମାର୍ଗଦର୍ଶନ ଶ୍ରେଣୀ କାର୍ଯ୍ୟରେ ଉନ୍ନତି ଆଣିବ

ଖୋର୍ଦ୍ଧା,୧୮।୨(ସମିସ): ସହାୟକ ନିରୀକ୍ଷଣ ଓ ମାର୍ଗଦର୍ଶନ ଦ୍ୱାରା ଶିକ୍ଷକ ମାନଙ୍କ ଦକ୍ଷତାର ବିକାଶ ହୋଇପାରିବ। ସେମାନେ ଉପଯୁକ୍ତ ଭାବେ ଶିକ୍ଷାଦାନ କରିପାରିବେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ଠାରେ ଆୟୋଜିତ ସଭାରେ ବିଶିଷ୍ଟ ଅତିଥି ମାନେ ଏ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ବୁଧବାର ଅନୁଷ୍ଠାନର ସଭାଗୃହରେ ଖୋର୍ଦ୍ଧା ଜିଲ୍ଲା ର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କ ପାଇଁ ସହଯୋଗୀ ନିରୀକ୍ଷଣ ଓ ପରାମର୍ଶଦାନ ଶୀର୍ଷକ ଏକ ଅନ ଲାଇନ ପାଠ୍ୟକ୍ରମର ଉଦଘାଟନୀ ଉତ୍ସବର ଶୁଭାରମ୍ଭ କରାଯାଇଛି। ଏହି ପାଠ୍ୟକ୍ରମର ଶୁଭାରମ୍ଭ କରି ଅନୁଷ୍ଠାନ ର ଅଧକ୍ଷ ଡ. ତାପସ କୁମାର ନାୟକ କହିଥିଲେ, ସହଯୋଗ ଓ ମାର୍ଗଦର୍ଶନ ଦ୍ୱାରା ଶିକ୍ଷକଙ୍କ କାମକୁ ଉନ୍ନତ କରାଯାଇପାରିବ। ଅତିଥି ଭାବେ ଅତିରିକ୍ତ ଶିକ୍ଷା ଜିଲ୍ଲା ଅଧିକାରୀ ଡ଼. ପ୍ରଜ୍ଞା ପାରମିତା ଜେନା ଏହି ପାଠ୍ୟକ୍ରମର ଗୁରୁତ୍ୱ ଓ ସେଥିରେ ସି.ଆର.ସି.ସି. ଙ୍କ ଦାୟିତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୩୨ସି. ଆର.ସି.ସି. ଯୋଗ ଦେଇଥିଲେ।



ଉଦଯାପନୀ ସମାରୋହରେ ଶିକ୍ଷାବିତ ତଥା ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡ଼. ସନାତନ ପଣ୍ଡା ଯୋଗଦେଇ ଏହି ଅନ ଲାଇନ ପାଠ୍ୟକ୍ରମର ଗୁରୁତ୍ୱ ଓ ଏହି ପାଠ୍ୟକ୍ରମରେ ଅଂଶଗ୍ରହଣ ଦ୍ୱାରା କଣ ଲାଭ ହେବ ତାହା ଉପରେ ବିଶଦ ଆଲୋଚନା କରିଥିଲେ। ଅଧ୍ୟାପକ ସୋମ୍ୟ ଦାସ, ମୌସୁମୀ ମହାନ୍ତି, ଦୀପ୍ତି ପ୍ରଭା ଦାସ, ରଶ୍ମୀରେଖା ସ୍ୱାଇଁ, ମହେଶ ବେହେରା, ବୀଣାପାଣି ପାଢୀ, ମୋନାଲିସା ପଣ୍ଡା, ମଞ୍ଜୁଲତା ହଂସଦା, ଅକ୍ଷୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ସୋମ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲୁଙ୍କେଶ୍ୱର ମହାଦେବ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ

ନିରାକାରପୁର,୧୮।୨ (ସମିସ): ସ୍ଥାନୀୟ ବାଲୁଙ୍କେଶ୍ୱର ମହାଦେବ ପୀଠ ପରିସରରେ ଭକ୍ତିମୟ ପରିବେଶ ମଧ୍ୟରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଭବ୍ୟ ଓ ଆଡମ୍ବରମୟ ଭାବେ ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞର ପୂର୍ବ ସନ୍ଧ୍ୟାରେ ସାଂସ୍କୃତିକ ମାହୋଲ ମଧ୍ୟରେ ମା' ଭଗବତୀ କଳା ସଂସଦ, ମିରିଗଦୟଣି ତରଫରୁ ଏବଂ ସନ୍ତୋଷ ଖାଡଙ୍ଗାଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ମଣିଷ ଖୋଜୁଛି ଜରା ନିବାସ' ମଞ୍ଚସ୍ଥ କରାଯାଇଥିଲା। ନାଟକଟି ସମାଜର ନୀତିମୂଲ୍ୟ, ମାନବିକତା ଓ ପରିବାରିକ ସମ୍ବନ୍ଧର ଗଭୀର ସନ୍ଦେଶ ବହନ କରି ଦର୍ଶକମାନଙ୍କ ହୃଦୟକୁ ସ୍ୱର୍ଶ କରିଥିଲା। ଆଖପାଖ ଗ୍ରାମର ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଏହି ଆଧ୍ୟାତ୍ମିକ ଓ ସାଂସ୍କୃତିକ ଆୟୋଜନକୁ ଉପଭୋଗ କରିଥିଲେ। ଏହି ମହୋତ୍ସବ କେବଳ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ, ବରଂ ସମାଜର ଐକ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ଏକ ମହାନ ପରିଚୟ ବୋଲି ପ୍ରମାଣିତ ହୋଇଛି।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ, ୧୮।୨(ସମିସ): ବେଗୁନିଆ ସଦର ମହକୁମା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ୪ ଦିନ ଧରି ଚାଲିଥିବା ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି। ଏହି ଯଜ୍ଞ ୧୫ ରିଖରେ ଆରମ୍ଭ ହୋଇ ୧୮ ରିଖ ପୂର୍ବାହ୍ନରେ ବିଶ୍ୱର କଲ୍ୟାଣ ନିମିତ୍ତ ଭକ୍ତି ଭାବମୟ ପରିବେଶ ମଧ୍ୟରେ ପୂର୍ଣ୍ଣାହୁତି ହୋଇଥିଲା। ବୈଦିକ ରୀତିରେ ନୀତି ଅନୁଯାଇ ଅଙ୍କୁରାରୋପଣ, ଅଧିବାସ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୁଜା, ରୁଦ୍ରାଭିଷେକ, ଅଗ୍ନି ସ୍ଥାପନ ଓ ଆହୁତି ପ୍ରଦାନ ସୂର୍ଯ୍ୟପୂଜା, ଗୋପୁଜା, ରୁଦ୍ରାଭିଷେକ ଓ ଆହୁତି ପ୍ରଦାନ, ଶିବଙ୍କପୂଜା, ଶିବ ମନ୍ତ୍ରରେ ଆହୁତି ପ୍ରଦାନ ସହ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମର ଆରାଧ ଦେବତା ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା ଉପଲକ୍ଷେ ସପ୍ତଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ମନ୍ଦିରର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ ନିର୍ଦ୍ଦେଶ କ୍ରମେ ଯଜ୍ଞାଚାର୍ଯ୍ୟ ପଣ୍ଡିତ ନିରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିବାର୍ଚନା ଅଷ୍ଟ ପ୍ରହର ନାମଯଜ୍ଞ, ହରିହାଟ, ମହାଯଜ୍ଞର ଅଙ୍କୁରାରୋପଣ, ନଗର କୀର୍ତ୍ତନ, କଳସ ସ୍ଥାପନ, ଅଗ୍ନି ସ୍ଥାପନ ସହ ବୈଦିକ ରୀତି ଅନୁସାରେ ପୂର୍ଣ୍ଣାହୁତି ହୋଇ ସମାପନ ହୋଇଛି। ସନ୍ଧ୍ୟାରେ ଭଜନ,ପ୍ରବଚକ୍ ପ୍ରମୋଦ କୁମାରଙ୍କ ଦ୍ୱାରା ମାଳିକା ବିଚାର ଉପରେ ଆଲୋଚନା କରିଥିବା ବେଳେ ନୟାଗଡ ଜିଲ୍ଲା କରଡାପଲ୍ଲୀ ବାଳିକା ନାଟ୍ୟ ସଂସଦ ଦ୍?ାରା ରାମ ନାଟକ "ସୀତା ଚୋରୀ " କଳାକାର ମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

# ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ଖୋର୍ଦ୍ଧା, ୧୮।୨(ସମିସ):

ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ଅର୍ଜୁନପୁରସ୍ଥିତ ମା'ମଙ୍ଗଳା ମହିଳା ବହୁମୁଖୀ ସମବାୟ ସମିତିର ୩୦ତମ ବାର୍ଷିକ ସାଧାରଣ ସଭା ସମିତିର ସଭାପତି ସଂଯୁକ୍ତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରତୀପ କୁମାର କର ସମିତିର ବାର୍ଷିକ ବିବରଣୀ ପାଠ କରିବା ସହ ଆସନ୍ତା ବର୍ଷ ପାଇଁ କାର୍ଯ୍ୟ ଖସଡା ଉପସ୍ଥାପନ କରିଥିଲେ। ସମିତିର ସଭ୍ୟା ସଂଖ୍ୟା ବୃଦ୍ଧି ପାଇ ୧୭୩୫ ରେ ପହଁଚି ଥିଲାବେଳେ ସମିତିରେ ସେମାନଙ୍କ ପ୍ରଦତ ଅଂଶଧନର ପରିମାଣ ୨୭.୫୫ ଲକ୍ଷ ଟଙ୍କା ହୋଇଛି। ସମିତିରେ ସଭ୍ୟାମାନଙ୍କ ଜମାରାଶି ଗତବର୍ଷ ୧୦ କୋଟି ୮୩ ଲକ୍ଷ ଥିଲା ବେଳେ ଚଳିତ ବର୍ଷ ଏହା ୧୨ କୋଟି ୮୫ ଲକ୍ଷ ଟଙ୍କା ରେ ପହଁଚି ପାରିଛି ।ନାଲିପଡା ଅର୍ଜୁନପୁର ଗ୍ରାମ ପଂଚାୟତ ଅଂଚଳରେ ଏହାକୁ ଅର୍ଜୁନପୁର ସମିତି ନକହି ଅର୍ଜୁନପୁର ମହିଳା ବ୍ୟାଙ୍କ କହିଥାନ୍ତି। ଏହି ସମିତି କୌଣସି ବ୍ୟାଙ୍କରୁ ଋଣ ଗ୍ରହଣ କରିନଥିଲା ବେଳେ ନିଜସ୍ୱ ସମ୍ବଳରୁ ସଭ୍ୟା ମାନଙ୍କୁ ୨କୋଟି ୬୭ଲକ୍ଷ ଟଙ୍କା ଋଣ ପ୍ରଦାନ କରିବା ସହ ବିଭିନ୍ନ ବ୍ୟାଙ୍କର ୧୨କୋଟି ୩୦ଲକ୍ଷ ଟଙ୍କା ସ୍ଥାୟୀ ରଖିବାରେ ସକ୍ଷମ ହୋଇପାରିଛି। ସରକାର ଙ୍କ ପକ୍ଷରୁ ପ୍ରାପ୍ତ ହୋଇଥିବା ୨୦୨୪-୨୫ ବର୍ଷ ର ସମୀକ୍ଷା ବିବରଣୀ ପାଠ କରାଯାଇ ତୃଟି ସଂଶୋଧନ ସହ ଗ୍ରହଣ କରାଯାଇଥିଲା।




ସରକାରୀ ନିର୍ଦ୍ଦେଶ ମୁତାବକ ଲାଭାଂଶ ବଂଟନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମିତିରେ ସଭ୍ୟାମାନଙ୍କୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହନିର୍ମାଣ ଋଣ ପ୍ରଦାନ ପାଇଁ ନିଷ୍ପତି ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମବାୟବିତ୍ ଡକ୍ଟର ବିମଳ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ରାଜ୍ୟର ସର୍ବଶ୍ରେଷ୍ଠ ମହିଳା ସମବାୟ ସମିତି ଭାବେ ଅତୀତରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଠାରୁ ସମ୍ମାନୀତ ହୋଇଥିବା ଏହି ସମିତିର ସଭ୍ୟ ମାନେ ଅନ୍ୟ ମାନଙ୍କ ପାଇଁ ଅନୁକରଣୀୟ ବୋଲି ମତ ଦେବାସହ ସମିତିରୁ ମିଳୁଥିବା ସମସ୍ତ ସୁବିଧା ଗ୍ରହଣକରି ସଭ୍ୟା ମାନେ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଆଲୋଚନାରେ ସମିତିର ସଭ୍ୟା ମାନେ ଭାଗ ନେଇଥିଲା ବେଳେ ସମିତିର ଋଣ ଆଦାୟ ଅଧିକାରୀ ମେନକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରିଚାଳନା ରେ କର୍ମଚାରୀ ଯୋଗେନ୍ଦ୍ର ସୁନ୍ଦରାୟ, ସଞ୍ଜୁବାଳା ସାହୁ ଓ ପୁଷ୍ପଲତା ରାଉତ୍ ସହଯୋଗ କରିଥିଲେ।

